# ନିୟମିତ ମଣ୍ଡିରୁ ଧାନ ଉଠାଇବେ ମିଲର

## ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ଚାଷୀ

- ମଣ୍ଡିରେ ପଡ଼ିଥିଲା ୧୨ହଜାର କୁଇଣ୍ଟାଲ ଧାନ
- ବିଡିଓ, ତହସିଲଦାର, ମିଲର ଓ ଚାଷୀଙ୍କ ୪ ଘଣ୍ଟା ଆଲୋଚନା



ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ମିଲରଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

**ତିହିଡ଼ି,୨୧।୨(ସଞ୍ଜିତ ବଳ)**

ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସମିତିରେ ୧୨ହଜାର କୁଇଣ୍ଟାଲ ଧାନ ପଡ଼ିରହିଥିଲା। ସପ୍ତାହେ ହେଲା ମିଲରମାନେ ଧାନ ଉଠାଉ ନ ଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଥିଲା। ଏପରିକି ସମିତି କର୍ତ୍ତୃପକ୍ଷଙ୍କ ଫୋନକୁ ମଧ୍ୟ ସେମାନେ ବେଖାତିର କରି ଚାଲିଥିଲେ। ଏହାକୁ ନେଇ ସମିତି ଅଧୀନରେ ଥିବା ଚାଷୀମାନେ ତାତି ଉଠିଥିଲେ। ଶନିବାର ସକାଳ ୮ଟାରୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ପୁରୁଣାବଜାରଠାରେ ଧାନବସ୍ତା ରଖି ଅବରୋଧ କରିବେ ବୋଲି ସେମାନେ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର ମଧ୍ୟ କରାଯାଇଥିଲା। ଚାଷୀଙ୍କ ଏହି ନିଷ୍ପତ୍ତି ପରେ ପ୍ରଶାସନର ଚେତା ପଶିଥିଲା। ପ୍ରଶାସନ ପକ୍ଷରୁ ଚାଷୀମାନଙ୍କୁ ବୁଝାଶୁଝା ସହ ମିଲରମାନେ ନିୟମିତ ଧାନ ଉଠାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନ ନିଷ୍ପତ୍ତିରୁ ଓହରିଛନ୍ତି।

ପ୍ରକାଶ ଯେ, ସକାଳ ୮ଟାରେ ଧାନ ବସ୍ତା ରଖି ରାସ୍ତା ଅବରୋଧପାଇଁ ଚାଷୀମାନେ ସଜବାଜ ହେଉଥିବା ବେଳେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ, ଜିଲା ନୋଡାଲ ଅଧିକାରୀ ଦନେଇ ଚରଣ ଟୁଡୁ, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ପ୍ରମୁଖ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ସମିତି ସହ ଟ୍ୟାଗ୍ ହୋଇଥିବା ୩ ମିଲରଙ୍କୁ ମଧ୍ୟ ଡକାଯାଇଥିଲା। ପରେ ବିଡିଓ, ତହସିଲଦାର, ଜିଲା ନୋଡାଲ ଅଧିକାରୀ, ମିଲର, ବାମନବିନ୍ଧା, ହରସିଂହପୁର, ଦୌଲତପୁର ଓ ସାହାପୁରର ଚାଷୀମାନଙ୍କ ମଧ୍ୟରେ ସମିତିରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସମିତି ସଭାପତି ରାଜେନ୍ଦ୍ର କୁମାର ଦାସ ଦର୍ଶାଇଥିଲେ ଯେ, ସମିତି ପରିସରରେ ୭ହଜାର କୁଇଣ୍ଟାଲ ଓ ସମିତି ବାହାରେ ୫ହଜାର କୁଇଣ୍ଟାଲ ଧାନ ଖରା କାକରରେ ପଡ଼ିରହିଛି। ଧାନ ରଖିବାକୁ ଜାଗା ନ ଥିବାରୁ ବାଧହୋଇ ଚାଷୀଙ୍କଠାରୁ ଧାନ ସଂଗ୍ରହ ବନ୍ଦ ରଖାଯାଇଛି। ମିଲରମାନେ ତୁରନ୍ତ ଧାନ ନ ଉଠାଇଲେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ସେ ସୂଚନା ଦେଇଥିଲେ। ମିଲରମାନେ ନିୟମିତ ଧାନ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ଲିଖିତ ଆକାରରେ ଦେବାକୁ ଚାଷୀମାନେ ଦାବି କରିଥିଲେ। ମଣ୍ଡିରେ ପଡ଼ିଥିବା ଧାନକୁ ଜରୁରିକାଳୀନ ଭାବେ ଉଠାଯିବା, ସମିତି ସହ ଅଧିକ ମିଲ୍ ଟ୍ୟାଗ୍ କରାଯିବା, ଅନ୍ୟ ଜିଲାର ମିଲରମାନଙ୍କ ସହଯୋଗରେ ଧାନ ଉଠାଯିବା, କୌଣସି ଚାଷୀଙ୍କ ଟୋକନ ନ କଟିବା ନେଇ ପ୍ରଶାସନ ଓ ମିଲର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ପରେ ୫ଟି ଟ୍ରକ୍ ମଣ୍ଡିରୁ ଧାନ ଉଠାଇଥିବା ଏବଂ ରବିବାରଠାରୁ ନିୟମିତ ଧାନ ଉଠାଯିବ ବୋଲି ସୂଚନା ଦିଆଯାଇଛି। ସମିତି ସମ୍ପାଦକ ପ୍ରଭାତ କୁମାର ବେହେରା, ପୂର୍ବତନ ସଭାପତି ସଂଗ୍ରାମ କେଶରୀ ମହାନ୍ତି, ସରପଞ୍ଚ ଅଜୟ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ, ଅମର ଦାସ, କୃଷ୍ଣଚନ୍ଦ୍ର ସାହୁ, ପ୍ରବୋଧ ମହାନ୍ତି, ନରେନ୍ଦ୍ର ମିଶ୍ର, କାଶୀନାଥ ସେନାପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମିଲରଙ୍କ ଅସହଯୋଗ: ରାସ୍ତାରୋକୋ କରିବେ ଚାଷୀ

**ତିହିଡ଼ି,୨୧।୨(ସଞ୍ଜିତ ବଳ)**

ମିଲରଙ୍କୁ ଫୋନ୍ କଲେ ଧରୁନାହାନ୍ତି। ସେମାନଙ୍କ ଅସହଯୋଗ ପାଇଁ ମଣ୍ଡିରେ ଧାନ ଭର୍ତ୍ତି ହୋଇରହିଛି। ଜିଲାପାଳ ମଣ୍ଡି ପରିଦର୍ଶନ କରି ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବି ମିଲରଙ୍କ ଦେଖା ଦର୍ଶନ ନ ଥିବା ଶନିବାର ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ବୈଠକରେ ଚାଷୀମାନେ ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ରାସ୍ତାରୋକୋ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଥିଲେ ଯେ, ଏହି ପଞ୍ଚାୟତର ଚାଷୀମାନଙ୍କ ଧାନ ଲକ୍ଷ୍ମୀନାରାୟଣ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗ୍ରହ କରାଯାଇଥାଏ। ଗୋଷ୍ଠୀ ଅଧୀନରେ ୫୩୮ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ଏବଂ ୨୮ହଜାର କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ସେହି ମଣ୍ଡି ସହ ୩ଟି ରାଇସ୍ ମିଲ୍‌କୁ ଟ୍ୟାଗ୍ କରାଯାଇଥିଲେ ମଧ୍ୟ ସେମାନେ ଧାନ ଉଠାଉ ନ ଥିବାରୁ ଧାନରେ ମଣ୍ଡି ଭର୍ତ୍ତି ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଧାନ ସଂଗ୍ରହ ବନ୍ଦ ରଖାଯାଇଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ସେମାନେ ବିଭିନ୍ନ ସମୟରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଗତ ୧୬ ତାରିଖ ସନ୍ଧ୍ୟାରେ ଜିଲାପାଳ ଦିଲୀପ ରାଉତରାଏ ମଣ୍ଡି ପରିଦର୍ଶନ କରିଥିଲେ। ମାତ୍ର ପରିସ୍ଥିତିରେ ସୁଧାର ଆସି ନ ଥିବାରୁ ଆସନ୍ତା ମଙ୍ଗଳବାର ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ପୂର୍ବତନ ସରପଞ୍ଚ ବୈକୁଣ୍ଠ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ମୀନକେତନ ସେନାପତି, ସରୋଜ ନାୟକ, ପ୍ରଦୀପ ଦାସ, ଜଗବନ୍ଧୁ ରାଉଳ, କରୁଣାକର ନାୟକ, ଉମାକାନ୍ତ ନାୟକ, କାଳନ୍ଦୀ ପାଣି, ଦୀପକ ଦାସ, ଭାବଗ୍ରାହୀ ସ୍ୱାଇଁ, ଗୟାଧର ମଲ୍ଲିକ ପ୍ରମୁଖ ଚାଷୀ ଯୋଗ ଦେଇଥିଲେ।

## ବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ



ମାତୃଭାଷା ଦିବସ ପାଳନ ଅବସରରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଆଗରପଡ଼ା,୨୧।୨(ସୁଶାନ୍ତ ଦାସ)**

ଭଦ୍ରକ ଜିଲା ଆଗରପଡ଼ା ଶିକ୍ଷା ସର୍କଲ ଅଧୀନ ଆପ୍ତୀର ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟରେ ଶନିବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସମୂହ ଭାବେ ମାତୃଭାଷା ଓଡ଼ିଆର ବହୁଳ ବ୍ୟବହାର, ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଶପଥପାଠ କରିଥିଲେ। ଏଥିସହ ସମ୍ବିଧାନର ପ୍ରସ୍ତାବନାକୁ ଓଡ଼ିଆରେ ସମୂହ ପାଠ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ସମ୍ପର୍କିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ଗଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଗୌରାଙ୍ଗ ବିଶ୍ୱାଳଙ୍କ ସଂଯୋଜନା ଓ ଗୋପୀନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅନୁଜା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ଓ ଶିକ୍ଷକ ପ୍ରଭାତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ



ମାତୃଭାଷା ଦିବସ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଚାନ୍ଦବାଲି,୨୧।୨(ରତିକାନ୍ତ ବାରିକ)**

ଚାନ୍ଦବାଲି ବ୍ଲକ ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ରଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପାଳପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ତପନ ସାହୁ, ମୁଖ୍ୟବକ୍ତା ସାମାଜିକ କର୍ମୀ ରତିକାନ୍ତ ବାରିକ, ବରେଣ୍ୟ ଅତିଥି ପ୍ରତାପ ବାରିକ, ଅନ୍ୟତମ ଅତିଥି ଭାବେ ହିମାଂଶୁ ଶେଖର ଦାସ, ଅଂଶୁମାନ ଦାସ ପ୍ରମୁଖ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ଓ ଏହାର ପ୍ରଚାର ପ୍ରସାର ନିମନ୍ତେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା, ସ୍ଲୋଗାନ ଲିଖନ, ଚିତ୍ରାଙ୍କନ ଓ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଭିଭାବକ ରବୀନ୍ଦ୍ର ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ ବିଦ୍ୟାଳୟ ଶିକ୍ଷାରେ ମାତୃଭାଷାର ଭୂମିକା ସମ୍ପର୍କରେ ମତ ରଖିଥିଲେ। ସିଆର୍‌ସିସି ସାହୁ ଶିଶୁବାଟିକା ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ଉପହାର ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଣଙ୍କ ମୃତ୍ୟୁ ହେଲେ, ଆଉ ଜଣେ ପାଇବେ

### ମଧୁବାବୁ ପେନ୍‌ସନ ଅପେକ୍ଷାରେ ୩୧ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ

**ଭଦ୍ରକ,୨୧।୨(ସନାତନ ରାଉତ)**

ଭତ୍ତା ପାଇବାକୁ ହେଲେ ଜଣେ ହିତାଧିକାରୀଙ୍କ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡ଼ିବ। ନୂଆ ହିତାଧିକାରୀ ଯୋଡ଼ିବାକୁ ଟାର୍ଗେଟ୍ ନ ଥିବାରୁ ଜଣଙ୍କ ମୃତ୍ୟୁ ହେଲେ, ନୂଆ ଜଣେ ପାଇବେ। ଅର୍ଥାତ୍ ଜଣେ ହିତାଧିକାରୀଙ୍କ ମୃତ୍ୟୁ ହେବା ପରେ ଜଣେ ନୂଆ ଭତ୍ତାଧିକାରୀଙ୍କୁ ତାଲିକାରେ ସାମିଲ କରାଯିବ। ଭଦ୍ରକ ଜିଲା ସାମାଜିକ ସୁରକ୍ଷା ବିଭାଗରେ ଏପରି ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳିଛି।

ଭଦ୍ରକ ଜିଲାରେ ଏବେ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହେବାକୁ ୩୧ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଅପେକ୍ଷାରେ ଅଛନ୍ତି। ଟାର୍ଗେଟ ନ ଥିବାରୁ କେବଳ ମୃତ୍ୟୁକାଳୀନ ଶୂନ୍ୟସ୍ଥାନକୁ ଅପେକ୍ଷା କରି ରହିଛନ୍ତି। ୨୦୨୪ ଫେବୃଆରୀରେ ଜିଲାକୁ ଅତିରିକ୍ତ କୋଟା ମଞ୍ଜୁର ହୋଇଥିବା ବେଳେ ପରେ କୌଣସି ଟାର୍ଗେଟ ଆସିନାହିଁ। ଅପରପକ୍ଷେ ଦିନକୁ ଦିନ ଆବେଦନକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ବିଭାଗର ସୂଚନା ଅନୁଯାୟୀ, ୩୧,୪୦୩ ଆବେଦନକାରୀ ଏବେ ତାଲିକାଭୁକ୍ତ ଅଛନ୍ତି। ତିହିଡ଼ି ବ୍ଲକରେ ୬ ହଜାର ୯୮, ବାସୁଦେବପୁର ବ୍ଲକରେ ୫ ହଜାର ୧୯୩, ବାସୁଦେବପୁର ପୌରପାଳିକାରେ ୬୧୦, ଭଦ୍ରକ ବ୍ଲକରେ ୩୮୮୦, ଭଦ୍ରକ ପୌରପାଳିକାରେ ୧୫୬୯, ଚାନ୍ଦବାଲି ବ୍ଲକରେ ୩୬୬୭, ଏନ୍‌ଏସିରେ ୪୫୩, ବନ୍ତରେ ୩୬୨୫, ଭଣ୍ଡାରିପୋଖରୀରେ ୩୧୧, ଧାମନଗର ବ୍ଲକରେ ୨୯୦୦ ଓ ଏନ୍‌ଏସିରେ ୨୯୭ ଜଣ ଭତ୍ତା ଅପେକ୍ଷାରେ ରହିଛନ୍ତି। ଜିଲାରେ ମଧୁବାବୁ ପେନ୍‌ସନ ଯୋଜନାରେ ୧ ଲକ୍ଷ ୩୩ ହଜାର ୪୬୪ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଆଦି ଭତ୍ତା ପାଉଛନ୍ତି। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ କହିଛନ୍ତି, ଟାର୍ଗେଟ ଅଭାବରୁ ନୂତନ ହିତାଧିକାରୀଙ୍କୁ ଯୋଡ଼ି ହେଉନାହିଁ। କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଲେ ସେହି ସ୍ଥାନରେ ଆବଶ୍ୟକତା ଭିତ୍ତିରେ ନୂଆ ହିତାଧିକାରୀଙ୍କୁ ଯୋଡ଼ାଯାଉଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ନୂଆ ଟାର୍ଗେଟ୍ ଆସିବ ବୋଲି ସେ କହିଛନ୍ତି।

## ବିଶ୍ୱ ସାମାଜିକ ନ୍ୟାୟ ଦିବସ




ବିଶ୍ୱ ସାମାଜିକ ନ୍ୟାୟ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଭଦ୍ରକ,୨୧।୨(ସନାତନ ରାଉତ/ ରବିନାରାୟଣ ଖିଲାର)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଭଦ୍ରକ ସହର ଟାଉନ ହଲ୍‌ଠାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କୁ ନେଇ ସକାଳେ ଯୋଗ ଶିବିର ପରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ବରିଷ୍ଠମାନଙ୍କ ପ୍ରତି ପରିବାର ଓ ସମାଜ ସମ୍ମାନ ପ୍ରଦର୍ଶନ କରିବା ଉଚିତ। ବୃଦ୍ଧ ମା' ବାପାଙ୍କୁ ଅବହେଳା ନ କରି ପରିବାର ବର୍ଗଙ୍କ ସ୍ନେହ ଶ୍ରଦ୍ଧା ରହିଲେ ସୁସ୍ଥ ସମାଜ ସ୍ୱପ୍ନ ସାକାର ହେବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବରିଷ୍ଠ ନାଗରିକ ମହାସଂଘର ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଜିଲା ଜଜ୍‌ଙ୍କ ପ୍ରତିନିଧି ତାପସ କୁମାର ମହାନ୍ତି, ଜିଲା ସଞ୍ଚୟ ଅଧିକାରିଣୀ ମୋନାଲିସା ପଣ୍ଡା ପ୍ରମୁଖ ଯୋଗଦେଇ ବରିଷ୍ଠମାନଙ୍କ ପ୍ରତି ଥିବା ବିଭିନ୍ନ ଆଇନ ଓ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସମାଜରେ ବରିଷ୍ଠଙ୍କ ହିତରେ କାର୍ଯ୍ୟ କରୁଥିବା ୪୫ଜଣ ବୃଦ୍ଧ ବ୍ୟକ୍ତିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ସଭା ସଞ୍ଚାଳନ କରିଥିବା ବେଳେ ବିଦ୍ଯୁଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଟା ଏଣ୍ଟ୍ରି ଅପରେଟର ନାହାନ୍ତି, ଅଫିସ କାର୍ଯ୍ୟରେ ବାଧା

**ବନ୍ତ,୨୧।୨(ହରିନାରାୟଣ ମହାନ୍ତି)**

ବୈତରଣୀ ଜଳ ସମ୍ପଦ ଡିଭିଜନ ତଥା ଶାଳନିଆ ସବ୍ ଡିଭିଜନ ଅଧୀନ ବନ୍ତ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ କୌଣସି ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତ ହୋଇ ନ ଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପ୍ରକାଶ ଯେ, ଏହି କାର୍ଯ୍ୟାଳୟରେ ୨ଟି ସେକ୍ସନ କାର୍ଯ୍ୟ କରୁଛି। ସେଥିମଧ୍ୟରେ ସେକ୍ସନ ୨ ଓ ସେକ୍ସନ ୩ ରହିଛି। ୨ଟି ସେକ୍ସନରେ ଦୁଇଜଣ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ସେକ୍ସନ-୨ ଅଧୀନରେ ୧୮ଟି କେନାଲ ରହିଥିବା ବେଳେ ୯ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ସେହିପରି ସେକ୍ସନ-୩ ଅଧୀନରେ ୧୯ଟି କେନାଲ ରହିଥିବାବେଳେ ୯ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ଦୁଇଟି ସେକ୍ସନରେ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ ସମ୍ପାଦିତ ହେଉଛି। ଏପରିସ୍ଥଳେ ଏଠାରେ କୌଣସି ଡାଟାଏଣ୍ଟ୍ରି ଅପରେଟର ନ ଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବର୍ତ୍ତମାନ ସବୁ ଅଫିସରେ ସରକାରୀ କାର୍ଯ୍ୟ କମ୍ପ୍ୟୁଟର ଓ ଅନ୍‌ଲାଇନ ମାଧ୍ୟମରେ କରାଯାଉଛି। ହେଲେ ଏଠାରେ ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇ ନ ଥିବାରୁ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ଠିକ୍ ସମୟରେ ସମ୍ପାଦିତ ହୋଇପାରୁ ନାହିଁ। ଅପରପକ୍ଷେ କେନ୍ଦୁଝର ଜିଲା ଅଧୀନରେ ଡିଭିଜନ ଓ ସବ୍ ଡିଭିଜନ ରହିଥିବା ବେଳେ ଭଦ୍ରକ ଜିଲା ଅଧୀନରେ ବନ୍ତ ଜଳସମ୍ପଦ ବିଭାଗର ଦୁଇଟି ସେକ୍ସନ ଅଫିସ ଉପରେ କାହାର ନଜର ପଡୁ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର, ରାଜ୍ୟ ଜଳ ସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



ଜଳେଶ୍ୱରପୁର ପଞ୍ଚାୟତରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ଚାନ୍ଦବାଲି,୨୧।୨(କିଷାନ ପାତ୍ର)**

ଚାନ୍ଦବାଲି ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ୨୦୨୧ରୁ ଲାଗି ରହିଥିବା ବିବାଦୀୟ ପ୍ଲଟ୍ ନଂ.୫୯୫ ସରକାରୀ ଜମି ଜବରଦଖଲ ଶନିବାର ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ପ୍ଲଟ୍‌କୁ ନେଇ ସାମାଜିକ କର୍ମୀ ରମାକାନ୍ତ ଭଳ ଓ ଅପରପକ୍ଷ କୁନାଲ ଗୌତମ ଦାସଙ୍କ ମଧ୍ୟରେ ସରକାରୀ ଜମି ଜବରଦଖଲ ଅଭିଯୋଗକୁ କେନ୍ଦ୍ରକରି ବିବାଦ ସୃଷ୍ଟି ହୋଇଥିଲା। ଦୀର୍ଘଦିନ ପରେ ମାସକ ତଳେ ସରକାରୀ ଜମି ଜବରଦଖଲମୁକ୍ତ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ଆଦେଶ ଜାରି ହୋଇଥିଲା। ତଦନୁଯାୟୀ ତହସିଲଦାର ଭବତୋଷ ମଲ୍ଲିକ ଶନିବାର ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ସତ୍ୟର ଜୟ ଓ ଆଇନର ସମ୍ମାନ। ଏହା ସାଧାରଣ ଲୋକଙ୍କ ହିତରେ ଗୃହୀତ ପଦକ୍ଷେପ ବୋଲି ରମାକାନ୍ତ କହିଛନ୍ତି।

## ଝରକା ଗ୍ରୀଲ୍ ଭାଙ୍ଗି ଅଳଙ୍କାର,ଟଙ୍କା ଚୋରି

**ତିହିଡ଼ି,୨୧।୨(ସଞ୍ଜିତ ବଳ):** ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାମନବିନ୍ଧା ଗ୍ରାମର ଗଙ୍ଗାଧର ସେଠୀଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଅଳଙ୍କାର ସହ ଟଙ୍କା ଚୋରି ହୋଇଛି। ଏନେଇ ଗଙ୍ଗାଧର ଶନିବାର ସକାଳେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଗଙ୍ଗାଧର ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଓ ତାଙ୍କ ସ୍ତ୍ରୀ ରାତିରେ ଶୋଇବା ପରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ଝରକା ଗ୍ରୀଲ୍ ଭାଙ୍ଗି ଭିତରକୁ ପଶିଥିଲେ। ସେମାନେ ଏକ ଲଗେଜରେ ଥିବା ସୁନା, ରୁପା ଅଳଙ୍କାର ଓ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ହେବ। ଗଙ୍ଗାଧର ସକାଳେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ବିଲରେ ଲୁଗାପଟା, ଆଟାଚ ଓ ଅନ୍ୟ ସାମଗ୍ରୀ ପଡ଼ିଥିବା ମଧ୍ୟ ସେ ଦର୍ଶାଇଛନ୍ତି।

## ୧୭ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

**ବାସୁଦେବପୁର,୨୧।୨(କାଳିପଦ ରାୟ)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ ୨ ବ୍ରାଉନସୁଗାର ବେପାରୀଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ କେଦାରପୁର ପଞ୍ଚାୟତ ସେରପୁର ଗ୍ରାମର ଗଗନ ଜେନା(୫୦) ଓ ବାଲିବିଲ ଗ୍ରାମର ଚନ୍ଦ୍ରକାନ୍ତ ମଲ୍ଲିକ(୪୪)। ସେମାନଙ୍କଠାରୁ ୧୭ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। ଏଥିସହ ଗୋଟିଏ ମୋବାଇଲ ଫୋନ ସହ ନଗଦ ୬୩ ହଜାର ଟଙ୍କା ଜବତ କରାଯାଇଛି। ସାବରଙ୍ଗ ପୋଲିସ ଏସ୍‌ଆଇ ପ୍ରିୟବ୍ରତ ବିଶ୍ୱାଳ ଓ ଏସ୍‌ଆଇ ଜୟଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇ ଚଢ଼ାଉ କରିଥିଲା। ଏନେଇ ଥାନାରେ ମାମଲା (ନଂ.୬୦/୨୬) ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଧାମନଗର,୨୧।୨(ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଶିକ୍ଷାବିତ୍ ଧରଣୀଧର ପଣ୍ଡା(୭୮)ଙ୍କର ଶନିବାର ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁ ଘଟିଛି। ସେ ଦୋବଲ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି ସେହି ବିଦ୍ୟାଳୟରୁ ଅବସର ନେଇଥିଲେ। ତାଙ୍କର ଶିକ୍ଷାଦାନ ଶୈଳୀ ଓ ସ୍ନେହ ପୂର୍ଣ୍ଣ ବ୍ୟବହାର ଯୋଗୁ ଅଞ୍ଚଳରେ ଅନେକ ଆଦର୍ଶ ଛାତ୍ର ସୃଷ୍ଟି କରିପାରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀର ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁଅ ତଥା ଦୋବଲ ପଞ୍ଚାୟତର ସରପଞ୍ଚ ଅଶୋକ ପଣ୍ଡା ମୁଖାଗ୍ନି ଦେଇଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଏମ୍‌ପିଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ମଠଡିହ ଜୟ ଶ୍ରୀରାମ କ୍ରିକେଟ ଟିମ୍ ଚାମ୍ପିୟନ

### ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ



ଅତିଥି ଟିମ୍ ଅଧିନାୟକଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

**ଧୁଷୁରୀ, ୨୧।୨(ଦୀପ୍ତିରଞ୍ଜନ ନାୟକ)**

ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତର ବୋଡକ ଖେଳପଡ଼ିଆରେ ଚାଲିଥିବା ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଇଲେଭେନ ଷ୍ଟାର ଓ ମଠଡିହ ଜୟ ଶ୍ରୀରାମ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ୨୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଯାଜପୁର ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଜବାବରେ ମଠଡିହ ଟିମ୍ ୧୯ ଓଭରରେ ୬ ଉଇକେଟ ବିନିମୟରେ ୧୪୨ ରନ୍ କରି ବିଜୟ ହାସଲ କରିଥିଲା। ମାନସ ମହାଳିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅବିନାଶ ରାଉତରାୟ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ।

ଆୟୋଜକ ତଥା କ୍ରୀଡ଼ାବିତ୍ ସମ୍ବିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ଅଜୟ କୁମାର ନାୟକ ଯୋଗ ଦେଇଥିଲେ। ଭାଜପାର ଚାନ୍ଦବାଲି ବ୍ଲକ ସଂଯୋଜକ କିଶୋର ନାୟକ ମୁଖ୍ୟବକ୍ତା, ପୂର୍ବତନ ସମିତିସଭ୍ୟ ସୁଦେଶ ପଣ୍ଡା, କାଉନସିଲର ଚନ୍ଦନ ରାଉତ, ସମବାୟ ସମିତି ସଭାପତି ନରେଶ ସେଠୀ, ଲଲାଟ କିଶୋର ପାଢ଼ୀ, ସାମାଜିକ କର୍ମୀ ସଦାନନ୍ଦ ମଲ୍ଲିକ, ଗଣେଶ ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଜେତା ଟିମ୍‌କୁ ୨୫ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଏବଂ ମୁଖ୍ୟବକ୍ତା ରନରଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ପ୍ରଭାତ ବେହୁରିଆ ଓ ବିଜ୍ଞାନ ଦାସ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶୈଳେନ୍ଦ୍ର ନାରାୟଣ ନାୟକ ସ୍କୋରର ଥିଲେ।

# ମଣ୍ଡିରେ ସମସ୍ୟା, ଏଫ୍ଏକ୍ୟୁ ନାଁରେ ପ୍ରହସନ

## ୧୦ କେଜି ଧାନ କାଟିବାକୁ ଚାଷୀ ରାଜିହେଲେ ବାହାରୁଛି ଆନାଲିସିସ ରିପୋର୍ଟ

ବେତନଟୀ, ୨୧।୨ (ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଆରଏମ୍ସି ଅଧୀନ ୧୦ଟି ଲ୍ୟାମ୍ପସର ୨୮ଟି ମଣ୍ଡିରେ ଧାନବିକ୍ରିନେଇ ସମସ୍ୟା ଦେଖିବାକୁ ମିଳୁଛି। ଏଫ୍ଏକ୍ୟୁ ନାଁରେ ପ୍ରହସନ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷପାଇଁ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଚାଷୀଙ୍କଠାରୁ ଲ୍ୟାମ୍ପ୍ସ ମାଧ୍ୟମରେ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଧାନର ମାନ ଏଫ୍ଏକ୍ୟୁ ହେଲେ ଚାଷୀଙ୍କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେବା ପାଇଁ ସରକାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଯଦି ଚାଷୀଟିଏ ମଣ୍ଡିକୁ ଧାନ ଆଣିବା ପରେ ଏଫଏକ୍ୟୁ ଆନାଲିସିସ ରିପୋର୍ଟରେ ଧାନର ଗୁଣବତ୍ତା ଠିକ୍ ନ ଥାଏ, ତେବେ ସରକାରଙ୍କ ପକ୍ଷରୁ ପ୍ରଦାନ ହୋଇଥିବା ମୋବାଇଲ ପେଡିକ୍ଲିନର ମେଶିନ ମାଧ୍ୟମରେ ଧାନକୁ ସଫା କରାଯିବା ପରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବା ବ୍ୟବସ୍ଥା ରହିଛି। ଏଥିପାଇଁ ଚାଷୀଙ୍କୁ ମେଶିନ ମାଧ୍ୟମରେ ସଫା ହୋଇଥିବା ଏକ କୁଇଣ୍ଟାଲ ଧାନ ପାଇଁ ଖର୍ଚ୍ଚ ବାବଦରେ ସରକାରୀ ଧାର୍ଯ୍ୟ ମୂଲ୍ୟର ଟଙ୍କା ଚାଷୀଙ୍କୁ ବହନ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ବ୍ୟବସ୍ଥାରେ ଚାଷୀଙ୍କଠାରୁ ମଣ୍ଡି ଧାନ କ୍ରୟ କଲେ ଚାଷୀଙ୍କୁ ଆଉ ହତାଶ ହେବାକୁ ପଡିବ ନାହିଁ କିମ୍ବା କୁଇଣ୍ଟାଲ ପ୍ରତି କଟନି ଛଟନି ନାମରେ ୧୦ରୁ ୧୨ କେଜି ହରାଇବାକୁ ପଡ଼ିବ ନାହିଁ । ଏହି ନିୟମ ମୟୂରଭଞ୍ଜ ଜିଲାର ବେତନଟୀ ଆର୍ଏମ୍ସି ଅଧୀନରେ ରହିଥିବା ଅଧିକାଂଶ ଧାନ ମଣ୍ଡିରେ ପାଳନ କରା ନ ଯାଇ ଚାଷୀମାନଙ୍କୁ ହତାଶ କରାଯିବା ସହ ଏଫଏକ୍ୟୁ ଆଳରେ ଏକ ପ୍ରହସନ କରାଯାଉଛି। ଫଳରେ ଚାଷୀମାନଙ୍କଠାରୁ କୁଇଣ୍ଟାଲ ପ୍ରତି ୧୦ରୁ ୧୨ କେଜି ପର୍ଯ୍ୟନ୍ତ ମଣ୍ଡିରେ ଧାନ କଟାଯାଉଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା କୃଷକ ମହାସଂଘ, ବେତନଟୀ ବ୍ଲକ ମିଡିଆ ଆସୋସିଏସନ ଓ ନଡ଼ପୁର ଗ୍ରାମର ଚାଷୀଙ୍କ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଏହି ଅଭିଯୋଗ ହୋଇଛି। ଏଥି ସହିତ ମଣ୍ଡିରେ ବିଭିନ୍ନ ପ୍ରକାର ସରକାରୀ ନିୟମର ଉଲ୍ଲଂଘନ କରି ଚାଷୀଙ୍କୁ ଆର୍ଥିକ ଶୋଷଣ କରିବା ସହିତ ଭୟଭୀତ କରାଯିବା, ମଣ୍ଡିରେ ଧାନର ମାନ ଠିକ୍ ନାହିଁ କହି ଧାନ ନ ନେବା, ମଣ୍ଡିରୁ ଘରକୁ ଧାନ ଗାଡ଼ି ଫେରେଇଦେବା ଅଭିଯୋଗ ହୋଇଛି। ଯେଉଁ ଚାଷୀ ଏଭଳି ହଇରାଣରୁ ବଞ୍ଚିବା ପାଇଁ କୁଇଣ୍ଟାଲ ପ୍ରତି ୧୦ ରୁ ୧୨ କେଜି ଧାନ କାଟିବା ପାଇଁ ରାଜି ହୋଇ ଯାଉଛନ୍ତି ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀମାନେ ସେହି ଚାଷୀଙ୍କ ଧାନକୁ ଏଫଏକ୍ୟୁ ମାନର ବା ଗୁଣବତ୍ତା ଠିକ୍ ଥିବା ରିପୋର୍ଟ ବାହାର କରାଯାଇ ମଣ୍ଡିରେ ତାଙ୍କ ଧାନ କିଣା ଯାଉଛି। ଏଥିପାଇଁ ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀମାନେ ଯେଭଳି ଚାଷୀମାନେ ଧାନ ବିକ୍ରି ପରେ ଆଉ ଅଭିଯୋଗ କରିପାରିବ ନାହିଁ ସେହିଭଳି ଏକ ସ୍ୱୀକାର ପତ୍ର ଲେଖେଇ ନେଉଛନ୍ତି। ଯେପରି ଚାଷୀ ନିଜ ଇଚ୍ଛାରେ ଧାନ ମଣ୍ଡିରେ ଧାନ ବିକୁଛନ୍ତି ତାହା ଦର୍ଶାଇବା ପାଇଁ। ଏଭଳି କୌଣସି ବ୍ୟବସ୍ଥା ସରକାରଙ୍କ ଧାନ କ୍ରୟ ନିୟମରେ ନ ଥିବା ଜଣାପଡିଛି।

ନଡ଼ପୁର ମଣ୍ଡିରେ ମଣ୍ଡିରେ ଧାନ ପକାଇ ଚାଷୀମାନଙ୍କୁ ଅଯଥାରେ ୬ଦିନ ଧରି ଦୌଡିବାକୁ ପଡିଥିଲା ଓ ହଇରାଣ ହରକତ ହେବାକୁ ପଡ଼ିଥିଲା। ତାପରେ ବିନା କଟନି ଛଟନିରେ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରିଥିଲେ। ଏନେଇ ମୟୂରଭଞ୍ଜ ଜିଲା କୃଷକ ମହାସଂଘର ସମ୍ପାଦକ ରବୀନ୍ଦ୍ର କୁମାର ଶତପଥୀ, ସଭାପତି କମଳାକାନ୍ତ ମହାକୁଡ଼, କୋଷାଧ୍ୟକ୍ଷ ଜୟଦୀପ କୁମାର ସାହୁ, ସଦସ୍ୟ ପରମାନନ୍ଦ ବେହେରା ମୟୂରଭଞ୍ଜ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଫେବୃଆରୀ ୧୭ରେ ଲିଖିତ ଅଭିଯୋଗ କରିଥିଲେ। ନଡ଼ପୁର ମଣ୍ଡିରେ ଚାଷୀଙ୍କ ଧାନ ୬ଦିନ ଧରି ପଡ଼ିରହିବା ସମ୍ପର୍କରେ ବୈଶିଙ୍ଗା ଲ୍ୟାମ୍ପସ ଏମ୍‌ଡି ସାନ୍ତାଗୌରା ପରିଡ଼ାଙ୍କୁ ପଚାରିବାରୁ ବହୁତ ବୁଝେଇଲା ପରେ ମିଲର ରାଜିହେଲେ ନାହିଁ ବୋଲି ସେ କହିଛନ୍ତି। ଏସମ୍ପର୍କରେ ଅପୂର୍ବା ରାଇସ୍ ମିଲର ମାଲିକ ଚିତ୍ତ ରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ଧାନ ନେବାରେ କିଛି ଆପତ୍ତି ନାହିଁ, ଏବିଷୟରେ ତାଙ୍କ ସହ କେହି କଥା ହେଇନାହାନ୍ତି ବୋଲି ସେ କହିଛନ୍ତି। ବେତନଟୀ ଆର୍ଏମ୍ସି ସମ୍ପାଦକ ଶ୍ୟାମ ସୁନ୍ଦର ଟୁଡୁ ଓ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ ପଚାରିବାରୁ ଏଭଳି ଭୁଲ୍ ନ କରିବାକୁ ଚେତାବନୀ ଦିଆଯାଇଛି, ନ ହେଲେ ଆଗକୁ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ‘ମାତୃଭାଷାର ପ୍ରଚାର ଲାଗି ଉଦ୍ୟମ ହେଉ’



ଗଛ ଦିଆଯାଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୈଶିଙ୍ଗା, ୨୧।୨ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ଅର୍ନ୍ତଜାତୀୟ ମାତୃଭାଷା ଦିବସ ପ୍ରଧାନଶିକ୍ଷକ ରଜତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଦାସ ଯୋଗଦେଇ ମାତୃଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ନିଜଠାରୁ ଉଦ୍ୟମ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସରସ୍ୱତୀ ଜେନା ଭାରତର ସମ୍ବିଧାନ ପ୍ରସ୍ତାବନା ଶପଥ ପାଠ କରାଇଥିଲେ। ଶିକ୍ଷୟିତ୍ରୀ ନୀଳାକ୍ଷି ଦାସ, ସୁକାନ୍ତି ବିଶାଳ ଶବ୍ଦ ଖେଳ, ଅନ୍ତାକ୍ଷରୀ ପ୍ରତିଯୋଗିତା କରାଇଥିଲେ। ପ୍ରାକ୍ତନ ଛାତ୍ର ତଥା ମୂର୍ତ୍ତି କଳାକାର ମୋହିତ ବାରିକଙ୍କୁ ଉତ୍ତରୀୟ ଓ ଚାରା ଦିଆଯାଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପରିସରରେ କୁନି ପ୍ରତିଭା ତଥା ଚିତ୍ରକର ରବୀନ୍ଦ୍ର ହାଁସଦାଙ୍କ ଆକର୍ଷଣୀୟ ବାଲୁକାକଳା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# ଫେରାର ଅଭିଯୁକ୍ତ ପୁଣେରୁ ଗିରଫ

## ବିଧବାଙ୍କୁ ହତ୍ୟା ମାମଲା

ରାଇରଙ୍ଗପୁର, ୨୧।୨ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣକାଟି ଗ୍ରାମରେ ଜଣେ ବିଧବା ମହିଳା ପୂର୍ଣ୍ଣିମା ସିଂହ(୬୦)ଙ୍କୁ ଗତ ଫେବୃଆରୀ ୯ତାରିଖରେ ହତ୍ୟା କରାଯାଇଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ପୋଲିସ ମହାରାଷ୍ଟ୍ର ରାଜ୍ୟ ପୁଣେ ଲୋନାଭାଲ ଥାନା ଅଞ୍ଚଳରୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣ କାଟି ଗ୍ରାମାଞ୍ଚଳର ଲୋକନାଥ ସିଂହ(୪୨)। ଏ ନେଇ ରାଇରଙ୍ଗପୁର ପୋଲିସ ସର୍କଲ ଅଧିକାରୀ ବିରେନ୍ଦ୍ର ସେନାପତି ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପୂର୍ଣ୍ଣିମା ସିଂହ ସହ ଅଭିଯୁକ୍ତଙ୍କୁ ପୂର୍ବ ଶତ୍ରୁତା ଥିଲା। ଏ ନେଇ କ୍ଷୁବ୍ଧ ହୋଇ ପୂର୍ଣ୍ଣିମା ନିଜ ଘରେ ଶୋଇଥିବା ବେଳେ ଅଭିଯୁକ୍ତ ଏକ ପଥରରେ ତାଙ୍କ ମୁଣ୍ଡକୁ ଛେଚି ନିର୍ମମ ଭାବେ ହତ୍ୟା କରିଥିଲେ। ଘଟଣା ପରଠୁ ଲୋକନାଥ ମହାରାଷ୍ଟ୍ର ରାଜ୍ୟ ପୁଣେ ନିକଟସ୍ଥ ଲୋନାଭାଲା ଅଞ୍ଚଳରେ ରହୁଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଇନ୍ସପେକ୍ଟର ଆଲୋକ ସିଂହଙ୍କ ନେତୃତ୍ୱରେ ୪ ଜଣିଆ ଟିମ ମହାରାଷ୍ଟ୍ର ରାଜ୍ୟ ଲୋନାଭାଲା ଥାନା ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୋଲିସ ପକ୍ଷରୁ ଏକ ମାମଲା (ନଂ. ୩୦/୨୦୨୬ ) ରୁଜୁ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

# ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ

ଗୋପବନ୍ଧୁ ନଗର, ୨୧।୨ (ଶାନ୍ତନୁ କୁମାର ମଲୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଜୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବହୁଭାଷୀ ମାତୃଭାଷାଭିତ୍ତିକ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପସୁଦାସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାର ପରିଚାଳକ ଭାଗବତ ଟୁଡୁ, ଏସ୍ଏମ୍ସି ସଭାପତି ବିଜୟ କୁମାର ପରିଡ଼ା, ପ୍ରଧାନଶିକ୍ଷକ ଦେବବ୍ରତ ବାରିକ, ସହକାରୀ ଶିକ୍ଷକ ପ୍ରିୟବ୍ରତ ବାରିକ, ଶତ୍ରୁଘ୍ନ ଜେନା, ଶୁଭସ୍ମିତା ବେହେରା, ଭକ୍ତରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ‘ମାତୃଭାଷାର ମହକ’ ପ୍ରସଙ୍ଗରେ ଅତିଥିମାନେ ଭାଷାକୁ ମଣିଷ ଧମନୀର ରକ୍ତ, ପ୍ରଶ୍ୱାସର ବାୟୁ ସହ ତୁଳନା କରିବା ସହ ଏହା ଗୋଟିଏ ଜାତିର ଜୀବନ ବୋଲି ବକ୍ତବ୍ୟରେ କହିଥିଲେ। ଭାଷା ଆଧାରିତ କବିତା ଲିଖନ, ଗଳ୍ପ କଥନ, ମୌଖିକ କୁଇଜ୍, ସାହିତ୍ୟିକମାନଙ୍କ ଫଟୋଚିତ୍ର ଅଙ୍କନ ପ୍ରତିଯୋଗିତା ହୋଇଥିଲା।

କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ନିଲାକ୍ଷୀ ମିଶ୍ର, ଡିମ୍ପଲ ମହାରଣା, ରାକ୍ଷୀ ମୁର୍ମୁ, ଦିବ୍ୟଶିନୀ ପାତ୍ର, ପୁର୍ଣ୍ଣେନ୍ଦୁ ଦେହୁରୀ, କ୍ରିଷ୍ଣା ପାଣିଆ, ଗଳ୍ପରେ କୃତୀ ହରପ୍ରିୟା ମହାପାତ୍ର, କୈଳାଶ ଦାସ ଓ ଗୌରହରୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଭିନ୍ନ କୋର୍ଟରେ ସରକାରୀ ଆଇନଜୀବୀ ନିଯୁକ୍ତ

ବାରିପଦା, ୨୧।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ଆଇନ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲାରେ ଥିବା ବିଭିନ୍ନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲା ମୁଖ୍ୟାଳୟ ବାରିପଦାରେ ଥିବା ବିଭିନ୍ନ କୋର୍ଟରେ ୨୧ଜଣ ଆଇନଜୀବୀ ସରକାରୀ ପ୍ଲିଡ୍ର, ସହକାରୀ ପ୍ଲିଡର, ସ୍ୱତନ୍ତ୍ର ପିପି, ଅତିରିକ୍ତ ପିପି, ସହଯୋଗୀ ଆଇନଜୀବୀ ଓ ସହକାରୀ ପିପି ନିଯୁକ୍ତି ଦିଆଯାଇଛି। ଜିଲା ଓ ଦୌରା ଜଜରେ ଉମାକାନ୍ତ ରାଉତ, ହରିଶଙ୍କର ଜ୍ୟୋତିଶୀ, ତାପସ ଦତ୍ତ ନିଯୁକ୍ତ ହୋଇଥିବା ବେଳେ ଅତିରିକ୍ତ ଜିଲା ଜଜ୍ କୋର୍ଟ-୧ରେ ଅଭୟ କୁମାର ମହାପାତ୍ର, ଚନ୍ଦ୍ରଶେଖର ଦାସ, ଅରବିନ୍ଦ ସାହୁ, ଅତିରିକ୍ତ ଜିଲା ଜଜ୍ କୋର୍ଟ-୨ରେ ଧିରେନ୍ଦ୍ର ମୋହନ ପଣ୍ଡା, ଗଣେଶ୍ୱର ସାହୁ, ଉଗ୍ରସେନ ଗିରି, ଆଡ୍‌ହକ ଏଡିଜେ ଫାଷ୍ଟ ଟ୍ରାକ୍ ସେସନ କୋର୍ଟରେ ପ୍ରଭାତ ବେହେରା, ସିଜିଏମଙ୍କ କୋର୍ଟରେ ଲିଙ୍ଗରାଜ ମିଶ୍ର, ସୁରେଇ ମାଝୀ, ଅତିରିକ୍ତ ସିଭିଲ ଜଜ୍ ସିନିୟର ଡିଭିଜନଙ୍କ କୋର୍ଟରେ ନରତ୍ତୋମ ପାଣିଗ୍ରାହୀ, ଅତିରିକ୍ତ ସିଭିଲ ଜଜ ସିନିୟର ଡିଭିଜନ କୋର୍ଟ-୨ରେ ଶ୍ୱେତାକେତୁ ଦତ୍ତ, ସିଭିଲ ଜଜ ଜୁନିୟର ଡିଭିଜନ କମ ଏସଡିଜେଏମ କୋର୍ଟରେ ବସନ୍ତ ମହାନ୍ତ, ଜେଏମଏଫସି-୧(କଗ ଟେକିଙ୍ଗ)ରେ ଶ୍ରଦ୍ଧାଞ୍ଜଳି ପଣ୍ଡା, ଜେଏମ୍ଏଫ୍ସି କୋର୍ଟରେ ସନ୍ଦୀପ ମିଶ୍ର, ରାଜେଶ ପ୍ରହରାଜ, ଅବନୀ ଶଙ୍କର ଷଡଙ୍ଗୀ ଓ ସୁନୀଲ ନାୟକ ନିଯୁକ୍ତ ହୋଇଛନ୍ତି। ସେହିପରି ପିଏମ୍‌ଜେଜେବି କୋର୍ଟରେ ପ୍ରଶାନ୍ତ ବେହେରାଙ୍କୁ ନିଯୁକ୍ତି କରାଯାଇଛି।

# ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ



ଉଦଳା, ୨୧।୨ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ କୁଅଁରପାଳ ତାରିଣୀ ପୀଠ ଖଣ୍ଡିହୁଡିଠାରେ ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ପଣ୍ଡିତ ସିଦ୍ଧେଶ୍ୱର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ଦିନ ପ୍ରତିଷ୍ଠା ଉତ୍ସବ ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ପୁରୀ ଶ୍ରୀକ୍ଷେତ୍ର ଧାମରୁ ଅଣାଯାଇଥିବା ଆଜ୍ଞାମାଳକୁ ଉଦଳା ବସ୍‌ଷ୍ଟାଣ୍ଡ ଜଗଦ୍ଧାତ୍ରୀ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ନାମ ସଂକୀର୍ତ୍ତନ ଶୋଭାଯାତ୍ରାରେ ପୀଠରେ ନିର୍ମାଣ ହୋଇଥିବା ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ରୀତିନୀତି ଅନୁଯାୟୀ ଦଧିନଉତି ସ୍ଥାପନ, ଅଙ୍କୁରାରୋପଣ, ଘଟୋତ୍ତଳନ ଆଦି ପରେ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତ୍ୟେହ ସକାଳେ ଗୁରୁପୂଜା, ସୂର୍ଯ୍ୟପୂଜା, ଦେବତା ସ୍ନାନ, ମାର୍ଜ୍ଜନା, ଯନ୍ତ୍ରସ୍ଥାପନ, ନ୍ୟାସ ଆଦି ପରେ ଶନିବାର ପୂର୍ଣ୍ଣାହୁତି ଓ ଶତାୟୁ ମହିଳାଙ୍କ ଆଶିଷ ନିମନ୍ତେ ପୂଜା କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ତାରିଣୀ ଟ୍ରଷ୍ଟ ବୋର୍ଡର ସଭାପତି ଶ୍ରୀବତ୍ସ କଳିଆ, ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ହରିଶ ଚନ୍ଦ୍ର ଦାଶଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଶତାଧିକ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇ ବାବା ମହାକାଳେଶ୍ୱରଙ୍କୁ ଦର୍ଶନ କରିଥିଲେ।

# ସ୍କୁଲର ବାର୍ଷିକ ଉତ୍ସବ



ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଝାରପୋଖରିଆ, ୨୧।୨ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ବମ୍ଫେଛକଠାରେ ଥିବା ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରାଣ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଅରୁଣ ପରିଡ଼ାଙ୍କ ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟଅତିଥି ଏବଂ ଭାରତୀୟ ନୌସେନା ମର୍ଚାଣ୍ଟ ନେଭି ବିଭାଗର ଅଫିସର ଦିବ୍ୟଜ୍ୟୋତି ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ସ୍କୁଲର ଅଧ୍ୟକ୍ଷ ମଳୟ ପାଣି, ଟ୍ରଷ୍ଟି ସଦସ୍ୟ ତୁଷାରକାନ୍ତ ରାଉତ, ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶିବନାରାୟଣ ଦତ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବର୍ତ୍ତମାନର ଡିଜିଟାଲ ଯୁଗରେ ଆଧୁନିକ ଶିକ୍ଷାକୁ କିପରି କୁନି କୁନି ପିଲାଙ୍କ ଶିକ୍ଷାରେ ପ୍ରବେଶ କରାଇ ସେମାନଙ୍କ ଶିକ୍ଷାର ଦକ୍ଷତା କିପରି ବୃଦ୍ଧି କରାଯାଇପାରିବ, ସେ ଦିଗରେ ସ୍କୁଲର ପ୍ରତିଷ୍ଠାତା ଡ. ପରିଡ଼ା ଅଭିଭାବକମାନଙ୍କୁ ଦୃଷ୍ଟିପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଘରୋଇ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ମୃତ୍ୟୁ

## ଥାନାରେ ମାମଲା, ୩ ଅଟକ

ବାରିପଦା, ୨୧।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ୧୫ନଂ ୱାର୍ଡରେ ଚାଲିଥିବା ଏକ ଘରୋ ନିଶା ନିବାରଣ କେନ୍ଦ୍ରର ଜଣେ ଅନ୍ତେବାସୀଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବାରିପଦା ସହରର ୭ନଂ. ୱାର୍ଡର ଅରୁଣ ସାହୁ(୫୫)। ସେ ସାଙ୍ଗଙ୍କ ସହିତ ମିଶି ପ୍ରାୟତଃ ଅଧିକାଂଶ ସମୟରେ ନିଶାସେବନ କରୁଥିବାରୁ ପରିବାର ଲୋକେ ନିଶାନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ତେବେ ଶୁକ୍ରବାର ତାଙ୍କର ଛାତି ବ୍ୟଥା ହେବାରୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ପକ୍ଷରୁ ନିଶା ନିବାରଣ କେନ୍ଦ୍ରର ଦାୟିତ୍ୱ ହୀନତା ଅଭିଯୋଗ ପାଇଁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଅପମୃତ୍ୟୁ ମାମଲା ପରିବର୍ତ୍ତନ ହୋଇ କେନ୍ଦ୍ର ବିରୋଧରେ ଦାୟିତ୍ୱହୀନତା ନେଇ ମାମଲା ରୁଜୁ ହୋଇଛି। ଟାଉନ ଥାନା ପୋଲିସ ମୃତକଙ୍କ ସହିତ ରହୁଥିବା ସାଥୀ ୩ ଅନ୍ତେବାସୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହିତ କେନ୍ଦ୍ରର ସିସି କେମେରା ଯାଞ୍ଚ କରୁଛି। ଅପରପକ୍ଷରେ ନିଶାନିବାରଣ କେନ୍ଦ୍ରର ମାଲିକ କିମ୍ବା ଘରଭଡ଼ା ଦେଇଥିବା ବ୍ୟକ୍ତି ଘଟଣାରେ ନିଜକୁ ସୁରକ୍ଷିତ ଦୂରତାରେ ରଖିବାରେ ସଫଳ ରହିଛନ୍ତି।

# ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ସଚେତନତା

ବାରିପଦା, ୨୧।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ଉଚ୍ଚଶିକ୍ଷା ଅନୁଷ୍ଠାନରେ ଯୌନ ନିର୍ଯାତନାର ନିବାରଣ ଶୀର୍ଷକ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଅଣଶିକ୍ଷକ, ଗବେଷକ ଗବେଷିକା ତଥା ବିଭିନ୍ନ ଅନୁବନ୍ଧିତ ମହାବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନେ ବହୁସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସଭାରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ କିପରି ତାର ପରିସର ମଧ୍ୟରେ ଛାତ୍ରୀଛାତ୍ର ତଥା ମହିଳାମାନଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ନେଇଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଶିଷ୍ଟ ସାମାଜିକ ତଥା ସ୍ୱୀକୃତିପ୍ରାପ୍ତ ପୋସ ପ୍ରଶିକ୍ଷିକା ନମ୍ରତା ଚଢା ମୁଖ୍ୟବକ୍ତା ରୂପେ ଯୋଗଦାନ କରି ସାମ୍ପ୍ରତିକ ସ୍ଥିତିରେ ମହିଳାମାନଙ୍କ ଉପରେ ଘଟୁଥିବା ନିର୍ଯାତନା ସମ୍ପର୍କରେ ଏକ ସାରଗର୍ଭକ ଭାଷଣ ରଖିଥିଲେ। ବାରିପଦା ଓକିଲ ସଂଘର ସଭ୍ୟା ତଥା ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଦସ୍ୟା ସୁଜାତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନାର ଦଣ୍ଡବିଧି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାରିପଦାର ଓକିଲ ସଂଘର ପ୍ରାକ୍ତନ ସଭାପତି ବିଭୁପ୍ରସାଦ ଦାସ ଯୋଗଦାନ କରି ଶିକ୍ଷାନୁଷ୍ଠାନମାନଙ୍କ ଛାତ୍ରୀଛାତ୍ର ଓ ମହିଳାମାନଙ୍କ ସୁରକ୍ଷା ପ୍ରତି କିପରି ସଚେତନ ରହିବେ ସେ ସମ୍ବନ୍ଧରେ ଅଲୋଚନା କରିଥିଲେ। ଅନ୍ୟତମ ଅତିଥି ଆଲୋଚିକା ଓ ରାଜ୍ୟ ମହିଳା କମିଶନର ପ୍ରାକ୍ତନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ଯୋଗଦେଇ ମହିଳାମାନେ ନିଜପ୍ରତି ହେଉଥିବା ଅତ୍ୟାଚାର ସମ୍ବନ୍ଧରେ ମୁହଁ ଖୋଲିବା ଉଚିତ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଆବାହିକା ପ୍ରଫେସର ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ସ୍ୱାଗତ ଜଣାଇ ଆଇସିସିର ମୁଖ୍ୟ ଲକ୍ଷ୍ୟ ଯାହା ଶିକ୍ଷାନୁଷ୍ଠାନରେ ମହିଳାମାନଙ୍କୁ ଲିଙ୍ଗଗତ ଅତ୍ୟାଚାରରୁ ସୁରକ୍ଷା ଦେବା, ଅଭିଯୋଗକୁ ନ୍ୟାୟସଙ୍ଗତ ଭାବେ ତଦନ୍ତ କରିବା ଏବଂ ଏକ ସୁସ୍ଥ, ସୁରକ୍ଷିତ ପରିବେଶ ନିର୍ମାଣ କରିବା ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ତଥା କାର୍ଯ୍ୟକାରୀ ସମ୍ପାଦକ ଡକ୍ଟର ପ୍ରିୟରଞ୍ଜନ ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ କାର୍ଯ୍ୟକାରୀ ସମ୍ପାଦିକା ଡକ୍ଟର ବିଷ୍ଣୁପ୍ରିୟା ହାଁସଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନକୁ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ସୁସ୍ମିତା କର ଏବଂ କମ୍ପ୍ୟୁଟର ପ୍ରୟୋଗ ବିଭାଗର ପ୍ରଫେସର ଏମ. ହିମାବିନ୍ଦୁ ଅଧ୍ୟକ୍ଷତା କରିଥିଲେ। ସହକାରୀ ରେଜିଷ୍ଟ୍ରାର ସଞ୍ଜୀବ ତନ୍ତୀ ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଦସ୍ୟ ଭଗବତୀ ପଣ୍ଡା, ଶୁଭାକାଂକ୍ଷିନୀ ତ୍ରିପାଠୀ, ସବିତା ବାରିକ ଓ ଶୁଭେନ୍ଦୁ ମିଶ୍ର ସହାୟତା କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସାନ୍ତାଳୀକୁ ରାଜଭାଷା ଦାବିରେ ସେଙ୍ଗେଲର ଧାରଣା



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା, ୨୧।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାନ୍ତାଳୀକୁ ରାଜଭାଷା ମାନ୍ୟତା ଦାବିରେ ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ୩ଦଫା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ରାଷ୍ଟ୍ରୀୟ ମାନ୍ୟତାପ୍ରାପ୍ତ ସର୍ବବୃହତ ଆଦିବାସୀ ଭାଷା ସାନ୍ତାଳୀକୁ ଆଦିବାସୀବହୁଳ ପ୍ରଦେଶ ଝାଡ଼ଖଣ୍ଡରେ ସମ୍ବିଧାନର ଧାରା ୩୪୫ ଅନୁସାରେ ଅବିଳମ୍ବେ ପ୍ରଥମ ରାଜଭାଷାର ମାନ୍ୟତା ଦିଆଯିବା, ଝାଡ଼ଖଣ୍ଡ ରାଜ୍ୟର ପଡ଼ୋଶୀ ବିହାର, ପଶ୍ଚିମବଙ୍ଗ, ଆସାମ, ଓଡ଼ିଶା ଆଦି ରାଜ୍ୟରେ ସମ୍ବିଧାନର ଧାରା ୩୪୭ ଅନୁଯାୟୀ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦିଆଯିବା, ଆଦିବାସୀ ଭାଷା ହୋ, ମୁଣ୍ଡାରୀ, କୁଡୁଖ, ଖାଡିଆ ଆଦି ଭାଷାଗୁଡ଼ିକୁ ରାଷ୍ଟ୍ରୀୟ ମାନ୍ୟତା ଅର୍ଥାତ୍ ଅଷ୍ଟମ ଅନୁସୂଚୀରେ ଅବିଳମ୍ବେ ଅନ୍ତର୍ଭୁକ୍ତ କରାଯିବା ଆଦି ଅନ୍ତର୍ଭୁକ୍ତ। ଦୁନିଆର ବିଭିନ୍ନ ଜାତି ସମୁଦାୟଙ୍କର ମାତୃଭାଷାକୁ ରାଷ୍ଟ୍ରୀୟ ମାନ୍ୟତା ଦିଆଯାଇ ବିଭିନ୍ନ ରାଜ୍ୟରେ ପ୍ରଥମ ଏବଂ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯାଇ ସରକାରଙ୍କ ପକ୍ଷରୁ ପଠନରେ ସୁବିଧା ଯୋଗାଇ ଦେଇ ଆଗକୁ ବଢ଼ିବାର ସୁଯୋଗ ଦିଆଯାଇଛି। ଆଦିବାସୀମାନଙ୍କୁ ଆଜି ପର୍ଯ୍ୟନ୍ତ ଦିଆଯାଇନାହିଁ। ତେଣୁ ପୂର୍ବତନ ଏମ୍‌ପି ତଥା ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ଉକ୍ତ ଆନ୍ଦୋଳନ ୭ଟି ପ୍ରଦେଶରେ କରାଯାଇଛି। ଏହି ଅବସରରେ ସେଙ୍ଗେଲର ମୁଖ୍ୟ ନେତା କାଲୁରାମ ମୁର୍ମୁ, ବାହାଦୁର ମୁର୍ମୁ, ମାଧବ ଚନ୍ଦ୍ର ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଉଦୟନାଥ ହେମ୍ବ୍ରମ, ପାନମଣି ହେମ୍ବ୍ରମ, ରୁପଶ୍ରୀ ମୁର୍ମୁ ଓ ସିନଗୋ ସୋରେନ ଆଦି ଉପସ୍ଥିତ ଥିଲେ।

# ରାସ୍ତାରେ ମଦ ଢାଳିଲେ ମହିଳା

**ବାଲେଶ୍ୱର, ୨୧।୨(ବାଞ୍ଛାନିଧି ଦେ)**



ମଦ ଗୋଦାମ ସମ୍ମୁଖରେ ମହିଳାମାନେ।

ବାଲେଶ୍ୱର ସଦର ବ୍ଲକ କଷାଫଳ ମେରାଇନ ଥାନା ଅଧୀନ ବାହାବଳପୁର ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିବା ଅଭିଯୋଗ ହୋଇଛି। ବିହାର ଅଞ୍ଚଳର ଜଣେ ମଦ ବ୍ୟବସାୟୀ ଏଠାରେ ଚୋରାରେ ପ୍ରତି ଗାଁକୁ ମଦ ଚାଲାଣ କରୁଥିବାରୁ ଅସନ୍ତୋଷ ଲାଗି ରହିଛି। ଥାନାଠାରୁ ମାତ୍ର ୨ଶହ ମିଟର ଦୂର ବାହାବଳପୁରଠାରେ ଥିବା ଗୋଦାମ ଘରେ ଶନିବାର ମହିଳାମାନେ ଚଢାଉ କରିଥିଲେ। ଖବର ଦେବା ପରେ ମଧ୍ୟ ପୋଲିସ ସେଠାରେ ନ ପହଞ୍ଚିବାରୁ ଉତ୍ତେଜନା ଦେଖାଦେଇଥିଲା। ବ୍ୟବସାୟୀ ଜଣକ କୌଶଳକ୍ରମେ ଜଣେ ମହିଳାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅନ୍ୟ ଉପାୟ ନ ପାଇ ଗୋଦାମ ଘରେ ୩ଟି ବ୍ୟାରେଲ୍ ଓ ୩୫ଟି ବୁରାରେ ଥିବା ଟ୍ୟୁବ୍ ଭର୍ତ୍ତି ମଦକୁ ମହିଳାମାନେ ରାସ୍ତା ଉପରେ ଢାଳିବାକୁ ବାଧ୍ୟ ହୋଇଥିଲେ।

ବାହାବଳପୁର ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ରହିଛି ମନସା ଦେବୀଙ୍କ ମନ୍ଦିର। ସେଠାରେ ଦୀର୍ଘଦିନ ଧରି ଚୋରାରେ ଏକ ବିଦେଶୀ ମଦ ଦୋକାନ ରହିଛି। ସେଠାରୁ ୫ଶହ ମିଟର ଦୂରରେ ରହିଛି ଏକ ବିଦ୍ୟାଳୟ। ସେହିପରି ଦୁବୁଲାଗଡ଼ି ଗ୍ରାମପଞ୍ଚାୟତ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଚୋରା ଦେଶୀ ଓ ବିଦେଶୀ ମଦ ଦୋକାନ ଅବସ୍ଥିତ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଗତ ୬ ମାସ ତଳେ ମଦ ବ୍ୟବସାୟ ବନ୍ଦ ଦିଗରେ ପଞ୍ଚାୟତବାସୀ ଏକ ବୈଠକ କରିଥିଲେ। ଏଥିରେ ସରପଞ୍ଚ ପ୍ରବୀର

### ମଦ ବ୍ୟବସାୟୀଙ୍କୁ ପୋଲିସର ଅନୁକମ୍ପା

କୁମାର ସାହୁ ସଭାପତିତ୍ୱ କରିଥିଲେ। ଚୋରା ମଦ ବ୍ୟବସାୟୀମାନେ ବୈଠକରେ ଉପସ୍ଥିତ ରହି ମଦ କାରବାର କରିବେ ନାହିଁ ବୋଲି ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ। ଏ ସମ୍ପର୍କରେ ପୋଲିସକୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ଫଳ ଶୂନ। ଅବକାରୀ ଓ ମେରାଇନ୍ ଥାନା ପୋଲିସ ସଲାସୁତରାରେ ମଦ ବ୍ୟବସାୟୀମାନେ ବେଧଡ଼କ କାରବାର କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚୋରା ମଦ କାରବାର ବନ୍ଦ ନ କଲେ ଆଗାମୀ ଦିନରେ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଗଗନ ଚନ୍ଦ୍ରଙ୍କୁ ସଂସ୍କୃତ ଶେଖର, ସୁଶାନ୍ତ କୁମାର ରାଜଙ୍କୁ ସାହିତ୍ୟଶ୍ରୀ ସମ୍ମାନ




ଦୁଇ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୋଗରାଇ, ୨୧।୨(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ୨ ବରପୁତ୍ରଙ୍କୁ ନିକଟରେ ମିଳିଛି ସଂସ୍କୃତଶେଖର ଓ ସାହିତ୍ୟଶ୍ରୀ ସମ୍ମାନ। ଚିରକୁଲା ଗ୍ରାମର ଅଧ୍ୟାପକ ଡ. ଗଗନ ଚନ୍ଦ୍ର ଦେଙ୍କୁ ଓ ସିଆଁରୋଇ ଗ୍ରାମର ପ୍ରଫେସର ଡ. ସୁଶାନ୍ତ କୁମାର ରାଜଙ୍କୁ ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଶ୍ରୀମଦ୍‌ଭଗବଦ୍‌ଗୀତାର ଅନ୍ତର୍ନିହିତ ସନ୍ଦେଶ ବିଷୟକ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ 'ସଂସ୍କୃତ ଶେଖର'ଓ ସାହିତ୍ୟ ଶ୍ରୀସମ୍ମାନ'ରେ ସମ୍ମାନିତ କରାଯାଇଥିବାରୁ ଭୋଗରାଇ ମାଟିକୁ କରିଛନ୍ତି ଗୌରବାନ୍ୱିତ। ଅଧ୍ୟାପକ ଦେ ପଶ୍ଚିମବଙ୍ଗସ୍ଥିତ ପଶ୍ଚିମ-ମେଦିନୀପୁର ଜିଲାର ସବଂ ସଜନୀକାନ୍ତ ମହାବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗର ମୁଖ୍ୟ ଅଛନ୍ତି। ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ପଶ୍ଚିମବଙ୍ଗରେ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ। ଖଡ଼ଗପୁରସ୍ଥିତ ବିଶ୍ୱାୟନ ସାହିତ୍ୟ ସଂସଦର ସଭାପତି, ଅପରାହ୍ନ ପ୍ରବାସୀ ସାହିତ୍ୟ ଝରର ସଂଯୋଜକ ତଥା ଲୋକଭାଷା ପ୍ରଚାର ସମିତି ପଶ୍ଚିମବଙ୍ଗ ଶାଖାର ଉପାଧ୍ୟକ୍ଷ ରହି ଓଡ଼ିଆ ଓ ସଂସ୍କୃତ ଭାଷାର ଉନ୍ନତି ନିମନ୍ତେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ଅପରପକ୍ଷରେ ପ୍ରଫେସର ସୁଶାନ୍ତ କୁମାର ଚାନ୍ଦ ତ୍ରିପୁରା ରାଜ୍ୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର ସାହିତ୍ୟ ବିଭାଗରେ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବାବେଳେ ପୂର୍ବରୁ ପୁରୀ ସଦାଶିବ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକ ଓ ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଶିକ୍ଷାଦାନ କରି ବିଭିନ୍ନ ଭାଷାରେ କାଳଜୟୀ ପୁସ୍ତକ ରଚନା କରିଛନ୍ତି। ଏହି ସାରସ୍ୱତ ସାଧକଙ୍କୁ ବହୁ ସ୍ଥାନରେ ସାହିତ୍ୟ ସାଧନା ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ତତ୍ତ୍ୱାବଧାନରେ ବହୁ ଛାତ୍ରୀଛାତ୍ର ଗବେଷଣା କରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଛନ୍ତି। ଅଧ୍ୟାପକ ଦେଙ୍କ ରଚିତ ଶତାଧିକ ଗବେଷଣା ପ୍ରବନ୍ଧ, କବିତାଗୁଚ୍ଛ ରଚନା କରିବା ଓ ଅନେକ ଉପାଦେୟ ଗ୍ରନ୍ଥ ତଥା ପତ୍ରପତ୍ରିକା ସମ୍ପାଦନ କରି ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଗୋବିନ୍ଦ ପ୍ରସାଦ ବାଲିଆପାଳ ବ୍ଲକ ବିଜେଡି ସଭାପତି



ବିଜେଡି ସଭାପତି ଗୋବିନ୍ଦ ପ୍ରସାଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୧।୨**

ବାଲିଆପାଳ ବ୍ଲକ ବିଜୁ ଜନତା ଦଳର ନୂତନ ସଭାପତି ଭାବେ ଗୋବିନ୍ଦ ପ୍ରସାଦ ଦାସଙ୍କୁ ଦ୍ୱିତୀୟଥର ଦଳ ପକ୍ଷରୁ ଚୟନ କରାଯାଇଥିବାରୁ ଶନିବାର ବାଲିଆପାଳ ବିଜେଡି କାର୍ଯ୍ୟାଳୟରେ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦାସ ୨୦୨୪ ବିଧାନସଭା ନିର୍ବାଚନ ପୂର୍ବରୁ ନୂଆ କରି ବାଲିଆପାଳ ବ୍ଲକର ବିଜେଡି ସଭାପତି ଦାୟିତ୍ୱଗ୍ରହଣ କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତାକୁ ବିଚାର କରି ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାସଙ୍କୁ ପୁଣି ଦ୍ୱିତୀୟଥର ପାଇଁ ବାଲିଆପାଳ ବ୍ଲକର ବିଜେଡି ସଭାପତି ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଦାସଙ୍କ ନାମ ଘୋଷଣା ପରେ ଶନିବାର ବିଜେଡି କାର୍ଯ୍ୟାଳୟରେ ବରିଷ୍ଠ ବିଜେଡି ନେତା ଅଜୟ ସାମଲ, ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ, ନିଖିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ସପନ ଦାସ, ମନ୍ମଥ ଗିରି, ଅସ୍ତୀ ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ମଧୁପୁରରା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ମନ୍ମଥ ବାରିକ, ସାର୍ଥକ ରଞ୍ଜିତ, ହେମନ୍ତ ଗିରି, କମଳଲୋଚନ କର, ମଙ୍ଗଳି ନାୟକ, ଭଗବାନ ରାଉତ ଉପସ୍ଥିତ ହୋଇ ନୂଆ ବିଜେଡି ବ୍ଲକ ସଭାପତି ଦାସଙ୍କୁ ସ୍ୱାଗତ ଜଣାଇଥିଲେ।

### ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଫକୀରମୋହନଙ୍କ ଜନ୍ମସ୍ଥାନ

# ବିକାଶ ପାଇଁ ୧୫ କୋଟି ଅନୁଦାନ

**ବାଲେଶ୍ୱର, ୨୧।୨(ବାଞ୍ଛାନିଧି ଦେ)**



ବିଧାୟକ ମାନସ କୁମାର ଦତ୍ତ।

ବାଲେଶ୍ୱରର ବରପୁତ୍ର କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁର ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଗ୍ରହଣ ପାଇଁ ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରସ୍ତାବ ଦେଇଥିଲେ। ଏହି ଗ୍ରାମକୁ ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ୍ କରାଯାଇଥିବା ସମ୍ପର୍କରେ ବିଧାନସଭା ପ୍ରଶ୍ନ କାଳରେ ବିଧାୟକ ଦତ୍ତ ପ୍ରଶ୍ନ ପଚାରିଥିଲେ। ଉନ୍ନତିମୂଳକ ପ୍ରକ୍ରିୟା ସମ୍ପର୍କରେ ସେ ଜାଣିବାକୁ ଚାହିଁଥିଲେ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଏହି ଯୋଜନାରେ ବିକଶିତ ହେବାକୁ ଥିବା ପ୍ରସ୍ତାବିତ ମହାପୁରୁଷଙ୍କ ଗ୍ରାମର ତାଲିକା ସହ ବିନିଯୋଗ ହେବାକୁ ଥିବା ଅର୍ଥର ପରିମାଣ ଜଣାଇବାକୁ ଅନୁରୋଧ କରିଥିଲେ।

ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ନିମନ୍ତେ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ଭାବେ ପରିଚିତ ବରପୁତ୍ର ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁରକୁ ଯୋଜନାର ପ୍ରଥମ ପର୍ଯ୍ୟାୟରେ ସ୍ଥାନିତ କରାଯାଇଛି। ବରପୁତ୍ରଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ସେଠାରେ ବାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ, ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମାରକୀ ସ୍ଥାପନ କରାଯିବ।

### ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଲେ ସଂସ୍କୃତି ମନ୍ତ୍ରୀ

ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ ହେବ। ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ସେମାନଙ୍କର ଆଦର୍ଶ, ପ୍ରେରଣା ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କରାଯିବ ବୋଲି ମନ୍ତ୍ରୀ ସୁରଜ ପ୍ରକାଶ କରିଛନ୍ତି।

# ସମିତି ଆଗରେ ଧାନବସ୍ତା ରଖି ଚାଷୀଙ୍କ ଧାରଣା



ଧାନ ବିକ୍ରି କରି ନ ପାରି ଜଣେ ଚାଷୀ ଧାରଣାରେ ବସିଛନ୍ତି।

**ବାହାନଗା, ୨୧।୨(ଅରୂପ କୁମାର ଦାସ)**

ବାହାନଗା ବ୍ଲକ ଗୋପାଳପୁର ସେବା ସମବାୟ ସମିତି ଆଗରେ ଶନିବାର ଅପରାହ୍ନରେ ଧାନ ବସ୍ତା ରଖି ଜଣେ ଚାଷୀ ଧାରଣାରେ ବସିଛନ୍ତି। ଗୋପାଳପୁର ପଞ୍ଚାୟତ ପାଇକାସ୍ତା ଗ୍ରାମର ରମେଶ ଚନ୍ଦ୍ର ବେହେରା ଚଳିତବର୍ଷ ଧାନ ଚାଷ କରି ଅମଳ କରିସାରିବା ପରେ ଡିସେମ୍ବରରୁ ଅଦ୍ୟାବଧି ବିକ୍ରି କରି ନ ପାରି ଘରେ ରଖିଛନ୍ତି। ଚଳିତବର୍ଷ ସରକାରଙ୍କୁ ଧାନ ବିକ୍ରି ପାଇଁ ଚାହିଁ ବସିଥିବା ବେଳେ ସରକାର ଜାନୁଆରୀ ୧୬ରୁ ଫେବୃୟାରୀ ୨୧ ତାରିଖ ଭିତରେ ମଣ୍ଡିରେ ଧାନ ବିକ୍ରି ପାଇଁ ଡେଟଲାଇନ ଦେଇଥିଲେ। ଧାନମଣ୍ଡିରେ ବିକ୍ରି କରିବା ପାଇଁ ୩୩ କୁଇଣ୍ଟାଲ ଟାର୍ଗେଟ ଆସିଛି। ସେହି ଅନୁଯାୟୀ ସେ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେ ମଣ୍ଡିରେ ଧାନ ବିକ୍ରି କରିପାରିନାହାନ୍ତି। କାରଣ ତାଙ୍କର ସିରିଏଲ ଆସି ନ ଥିବାରୁ ଅପେକ୍ଷା କରିବା ପାଇଁ ସମିତି ସମ୍ପାଦିକା କହୁଥିବାରୁ ସେ ମଣ୍ଡିରେ ଧାନ ବିକ୍ରି କରିପାରି ନାହାନ୍ତି। ମାତ୍ର ସମାନ ତାରିଖ ଥିବା ସେହି ଗ୍ରାମର ପ୍ରଦୀପ କୁମାର ମିଶ୍ର ନିଜର ୫୫ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିସାରି ଟଙ୍କା ପାଇ ସାରିଥିବା ବେଳେ ରମେଶ ଏପର୍ଯ୍ୟନ୍ତ ଧାନ ବିକ୍ରି କରିପାରି ନାହାନ୍ତି। ସମାନ ତାରିଖ ଥିବା ଜଣେ ଚାଷୀ ଧାନ ବିକ୍ରି କରିସାରିଥିବା ବେଳେ ଅନ୍ୟ ଜଣେ ଚାଷୀ ବାଦ୍ କିପରି ପଡିଲା। ଏହାକୁ ବିରୋଧ କରି ରମେଶ ମଣ୍ଡିକୁ ତାଙ୍କର ୩୦ କୁଇଣ୍ଟାଲ ବିକ୍ରି ପାଇଁ ରଖିଥିବା ଧାନ ବସ୍ତା ସବୁ ଘରୁ ଆଣି ମଣ୍ଡି ତଥା ସେବା ସମବାୟ ସମିତି ଆଗରେ ଗଦା କରି ଧାନ ଉଠାଇବା ଦାବି କରି ଧାରଣାରେ ବସିଥିଲେ। ଏ ସମ୍ପର୍କରେ ସମିତି ସଭାପତି ବେଣୁଧର ଜେନା କହିଛନ୍ତି, ଯାହା ହୋଇଛି, ତାର ସମାଧାନ କରାଯିବ।

# ଭତ୍ତା ଟଙ୍କା ହଡ଼ପ ଘଟଣା, ବ୍ରାହ୍ମଣଦା ପିଇଓ ନିଲମ୍ବିତ

**ବସ୍ତା, ୨୧।୨(ହରିଶଙ୍କର ପାଢ଼ୀ)**



ପିଇଓ ରଞ୍ଜିତା ଶତପଥୀ।

ବସ୍ତା ବ୍ଲକ ଅଧୀନ ବ୍ରାହ୍ମଣଦା ପଞ୍ଚାୟତରେ ବୃଦ୍ଧାବୃଦ୍ଧମାନଙ୍କର ଭତ୍ତା ଟଙ୍କାକୁ ହଡ଼ପ କରିବା ଅଭିଯୋଗରେ ପିଇଓ ରଞ୍ଜିତା ଶତପଥୀଙ୍କୁ ବାଲେଶ୍ୱର ଜିଲାପାଳ ଶନିବାର ଚାକିରିରୁ ନିଲମ୍ବନ କରିଛନ୍ତି। ଚଞ୍ଚକତା କରି ବିଭିନ୍ନ ଲୋକଙ୍କ ଭତ୍ତା ଟଙ୍କାକୁ ସେ ହଡ଼ପ କରିଥିଲେ। ଏ ନେଇ ହିତାଧିକାରୀମାନେ ପଞ୍ଚାୟତ ଅଫିସ ଆଗରେ ଧାରଣା ଦେଇଥିଲେ। ଏହାପରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିଲମ୍ବିତ ପିଇଓ ଶତପଥୀ ଜଳେଶ୍ୱର ବ୍ଲକ ପ୍ରଶାସନ ହେପାଜତରେ ରହିବେ ବୋଲି ନିର୍ଦ୍ଦେଶ ହୋଇଛି।

# ପୋଲିସ ହସ୍‌ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

### ଉଦ୍‌ଘାଟନ କଲେ ପୂର୍ବାଞ୍ଚଳ ରେଞ୍ଜ ପୋଲିସ ଡିଆଇଜି

**ବାଲେଶ୍ୱର,୨୧।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**



ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ସହର ସ୍ଥିତ ପୋଲିସ ହସ୍ପିଟାଲରେ ଶନିବାର ଦୁଇ ଦିନିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ବାଲେଶ୍ୱର ଲାୟନ୍ସ କ୍ଲବ୍ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ପୋଲିସ ଡିଆଇଜି ପିନାକ ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ପ୍ରତ୍ୟୁଷ ଦିବାକର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବର ସଭାପତି ଶିବୁ ପୋଦ୍ଦାର, ସମ୍ପାଦକ ବିଷ୍ଣୁ ମାରୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଉପ-ସଭାପତି ରାଜେନ୍ଦ୍ର ଗୁପ୍ତା ସମେତ ଭାରତୀୟ ଷ୍ଟେଟବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ପ୍ରଭାତ କୁମାର, ରିଜିଓନାଲ ମ୍ୟାନେଜର ଯଶୋବନ୍ତ ଦାସ, ଜୋନାଲ ଅଫିସର ଚିଫ୍ ମ୍ୟାନେଜର ନୀଳାଦ୍ରି ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ୨୭୦ଜଣ ପୋଲିସ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଶିବିରକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି।

# ଖଇରା ତହସିଲରେ ଅଚଳାବସ୍ଥା, ଜନଅସନ୍ତୋଷ

### ତହସିଲଦାର ଛୁଟିରେ, ଅତିରିକ୍ତ ଡେପୁଟେଶନରେ, ବିଡିଓ ଦାୟିତ୍ୱରେ

**ଖଇରା, ୨୧।୨(ଉତ୍କଳବନ୍ଧୁ ପଣ୍ଡା)**




ଖଇରା ତହସିଲ କାର୍ଯ୍ୟାଳୟ।

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ତହସିଲରେ ଏବେ ଅଚଳାବସ୍ଥା। ବିଭିନ୍ନ ପ୍ରମାଣପତ୍ର ପାଇଁ ଜନସାଧାରଣଙ୍କୁ ଖଇରା ତହସିଲକୁ ବାରମ୍ବାର ଦୌଡିବାକୁ ପଡୁଛି। ୨ ଅତିରିକ୍ତ ତହସିଲଦାରଙ୍କୁ ଜିଲା ପ୍ରଶାସନ ଡେପୁଟେଶନରେ ନେଇ ସାରିଥିବା ବେଳେ ତହସିଲଦାର ବାପାଙ୍କ ଅସୁସ୍ଥତା ଯୋଗୁ ଏବେ ଏବେ ଛୁଟିରେ ରହିଛନ୍ତି। ଏଭଳି ଦୁର୍ଦ୍ଦଶାରେ ଚାଲିଥିବା ବେଳେ ଗୁରୁବାର ତହସିଲ ଦାୟିତ୍ୱ ଖଇରା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ଏଭଳି ଅପରିଣାମଦର୍ଶିତାକୁ ନେଇ ଖଇରା ତହସିଲ ଅଧୀନ ୩୭ ପଞ୍ଚାୟତର ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଖଇରା ତହସିଲ ଉପରେ ୬ଟି ରାଜସ୍ୱ ସର୍କଲ ଏବଂ ୩୭ ପଞ୍ଚାୟତ ଜନସାଧାରଣ ନିର୍ଭର କରିଥାନ୍ତି । ବିଭିନ୍ନ ପ୍ରକାର ପ୍ରମାଣପତ୍ର, ଜମି ନାମଜାରି, ଖତିଆନାର ନକଲ ଆଦି କାର୍ଯ୍ୟ ପାଇଁ ଖଇରା ତହସିଲକୁ ଆସିବାକୁ ବାଧ୍ୟ ହୋଇଥାନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ଉକ୍ତ କାର୍ଯ୍ୟାଳୟରେ ଜଣେ ତହସିଲଦାରଙ୍କ ସହ ୨ଜଣ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତ ଦିଆଯାଇଛି । ବର୍ଷେ ତଳେ ଜିଲା ପ୍ରଶାସନ ଜଣେ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ରାଜେଶଙ୍କୁ ଡେପୁଟେଶନରେ ଜିଲା କାର୍ଯ୍ୟାଳୟକୁ ନେଇଯିବା ପରେ ଏବେ ଜାନୁଆରୀ ୧୨ରେ ଅନ୍ୟତମ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କୁ ବସ୍ତା ତହସିଲକୁ ଡେପୁଟେଶନରେ ପଠାଇଛନ୍ତି। ବସ୍ତାରେ ପୂର୍ବରୁ ୨ଜଣ ଥିବା ବେଳେ ପୁଣି ଖଇରା ଜନସାଧାରଣଙ୍କୁ ଅଣଦେଖା କରି ଅତିରିକ୍ତ ତହସିଲଦାରଙ୍କୁ ସେଠାକୁ ଡେପୁଟେଶନରେ ନିଆଯାଇଛି । ଗୁରୁବାର ଅଚଳାବସ୍ଥା ହଟାଇବାକୁ ଖଇରା ବିଡିଓ ନାରାୟଣ ସାହୁଙ୍କୁ ଏହି ତହସିଲଦାର ଦାୟିତ୍ୱର ଅତିରିକ୍ତ ବୋଝ ପ୍ରଦାନ କରାଯାଇଛି । ରାଜସ୍ୱ ବିଭାଗର ଏଭଳି ନୀତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଉପଜିଲାପାଳ ଶିବ ମାଳବୀୟଙ୍କ ପ୍ରତିକ୍ରିୟା ନେବାରେ ମଙ୍ଗଳବାର ସୁଦ୍ଧା ତହସିଲଦାର କାର୍ଯ୍ୟରେ ଯୋଗ ନ ଦେଲେ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ବିଜନେସ୍ ଆସୋସିଏଟ୍, ଶିଳ୍ପ ଉପଭୋକ୍ତା ସମ୍ମିଳନୀ

**ବାଲେଶ୍ୱର, ୨୧।୨(ବାଞ୍ଛାନିଧି ଦେ)**

### ଉତ୍କର୍ଷତା, ସ୍ୱଚ୍ଛତା ଓ ଗୁଣାତ୍ମକ ସେବାରେ ଟିପିଏନଓଡିଏଲ କାର୍ଯ୍ୟରତ



ସମ୍ମିଳନୀରେ ସିଇଓଙ୍କ ସମେତ ଅଧିକାରୀଗଣ।

ଟିପିଏନଓଡିଏଲ ପକ୍ଷରୁ ବିଜନେସ ଆସୋସିଏଟ୍ ସମ୍ମିଳନୀ ୨୦୨୫-୨୬ ଓ ଶିଳ୍ପ ଉପଭୋକ୍ତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବାଲେଶ୍ୱରରେ ଆୟୋଜିତ ବିଜନେସ୍ ଆସୋସିଏଟ୍ ମିଟ୍‌ରେ ୧୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ସହକାରୀ ସଂସ୍ଥା ଓ ପ୍ରାୟ ୩୦୦ ଜଣ ସହକାରୀ ସଂସ୍ଥା କର୍ମଚାରୀ ଭାଗ ନେଇଥିଲେ। ସୁରକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ କରିବା, ଆଇନତଃ ଅନୁପାଳନକୁ ନିଶ୍ଚିତ କରିବା, ସ୍ୱଚ୍ଛ ବ୍ୟବସାୟିକ ପଦ୍ଧତିକୁ ବଜାୟ ରଖିବା ଏବଂ ପରିଚାଳନା ଓ ବିଦ୍ୟୁତ ସେବା କ୍ଷେତ୍ରରେ ଉପଭୋକ୍ତା କେନ୍ଦ୍ରୀକ ଆଭିମୁଖ୍ୟ ଗ୍ରହଣ କରିବା ଆଦି ବିଷୟବସ୍ତୁ ଉପରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ୨୦୨୫-୨୬ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୩୫ ଜଣ ସହକାରୀ ସଂସ୍ଥା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ସୁରକ୍ଷା ସଚେତନତା ଉପରେ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶିତ ହୋଇଥିଲା। ସେହିପରି ଯାଜପୁରରେ ଆୟୋଜିତ ଶିଳ୍ପ ଉପଭୋକ୍ତା ସମ୍ମିଳନୀରେ ୮୦ରୁ ଅଧିକ ଶିଳ୍ପ ସଂସ୍ଥା ପ୍ରତିନିଧି ଭାଗ ନେଇଥିଲେ। ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଏବଂ ସେବାରେ ଉନ୍ନତି ଆଣିବା ସହ ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ, ସ୍ମାର୍ଟ ନେଟୱର୍କ ବ୍ୟବସ୍ଥା, ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ତଥା ଉପଭୋକ୍ତା କେନ୍ଦ୍ରୀକ ସେବା ନେଇ ଉପସ୍ଥିତ ଅଧିକାରୀମାନେ ଟିପିଏନ୍ଓଡିଏଲ୍‌କୁ ପ୍ରଶଂସା କରିଥିଲେ। ଟିପିଏନ୍ଓଡିଏଲ୍‌ର ସିଇଓ ତଥା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟବସାୟ ମୁଖ୍ୟ ଗଜାନନ ଏସ୍. କାଲେ, ଟିପିଏନ୍ଓଡିଏଲ୍‌ର ସିଇଓ ସୁନୀଲ କୁମାର ଶର୍ମା, ଟିପିଏନ୍ଓଡିଏଲ୍‌ର ବାଣିଜ୍ୟିକ ସେବା ଓ ବ୍ୟବସାୟିକ ଉତ୍କର୍ଷତା ମୁଖ୍ୟ ଜୟଦୀପ ରାୟ, କଣ୍ଟ୍ରାକ୍ଟସ ଓ ମାଟେରିଆଲ ମ୍ୟାନେଜମେଣ୍ଟର ମୁଖ୍ୟ ବିପିନ ଚୌହାନ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡ଼ଳା,୨୧।୨(ଦୁର୍ଗାପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶିବ ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ରାଜିବ ଦଳେଇ, ମୁଖ୍ୟବକ୍ତା ବ୍ଲକ୍ ସହ-ଶିକ୍ଷାଧିକାରୀ ପ୍ରମୋଦ ନାୟକ, ସମ୍ମାନିତ ଅତିଥି ଭାରପ୍ରାପ୍ତ ସହ ଶିକ୍ଷାଧିକାରୀ ପୁର୍ଣ୍ଣଚନ୍ଦ୍ର ଜେନା, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରଦୀପ ନାୟକ, କ୍ଲଷ୍ଟର ସଂଯୋଜକ ନିହାର ରଞ୍ଜନ ସ୍ୱାଇଁ, ବିଦ୍ୟାଳୟ କମିଟିର ସଭାପତି ପ୍ରଭାକର ଖଣ୍ଡା ଯୋଗଦେଇଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପଦ୍ମାବତି ସାହୁ, ଦେବଜାନୀ ମଲ୍ଲିକ, କ୍ରୀଡ଼ା ଶିକ୍ଷକ ଆଶିଷ୍ ଜେନା, ଶିକ୍ଷକ ଅଶୋକ ସେଠୀ, ତନ୍ମୟ ପଟ୍ଟନାୟକ ସହଯୋଗ କରିଥିବାବେଳେ ବିଦ୍ୟାଳୟ କମିଟିର ସଭ୍ୟାସଭ୍ୟ ଉପସ୍ଥିତ ରହିଥିଲେ।

# ୩୦ରୁ ଊର୍ଦ୍ଧ୍ୱଙ୍କୁ ମିଳିନି ୪ ମାସର ଭତ୍ତା

### ବିଡିଓ, ଜିଲାପାଳଙ୍କୁ ଅଭିଯୋଗ କରି ବି ନିରାଶ

ଚମ୍ପୁଆ,୨୧।୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଚମ୍ପୁଆ ବ୍ଲକ୍ ଅଧୀନ କରଞ୍ଜିଆ ପଞ୍ଚାୟତରେ ୩୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୪ ମାସ ହେଲା ଭତ୍ତା ଟଙ୍କା ମିଳିନି। ଫଳରେ ଭତ୍ତା ଟଙ୍କାରେ ଚଳୁଥିବା ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିତାଧିକାରୀଙ୍କୁ ପ୍ରଥମେ ପଞ୍ଚାୟତରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଥିଲା। ପରେ ବ୍ୟାଙ୍କ ଜରିଆରେ ପ୍ରଦାନ କରାଯାଉଥିବା ବେଳେ ହିତାଧିକାରୀ ୪ ମାସ ଧରି ଭତ୍ତା ପାଇନାହାନ୍ତି। ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ମାତ୍ର କୌଣସି ସୁଫଳ ମିଳି ନ ଥିବା କହିଛନ୍ତି।

ସୂଚନା ଅନୁସାରେ, ପଞ୍ଚାୟତର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବୟସ୍କ ଭତ୍ତାଧାରୀ ପୂର୍ବରୁ ଠିକ୍ ଭାବରେ ଭତ୍ତା ପାଉଥିଲେ।



ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

ମାତ୍ର ପର ମୁହୂର୍ତ୍ତରେ କୌଣସି ସମସ୍ୟା ପାଇଁ ୪ ମାସ ଧରି ଭତ୍ତା ପାଇପାରୁ ନ ଥିବା ବେଳେ ନିୟମିତ ବ୍ୟବଧାନରେ ବ୍ୟାଙ୍କ ଦୌଡୁଥିଲେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ଭତ୍ତା ମାଧ୍ୟମରେ ବାର୍ଦ୍ଧକ୍ୟ ଜନିତ ରୋଗଠାରୁ ଆରମ୍ଭ କରି ପେଟ ପାଇଁ ଦି ମୁଠା ଦାନା ପାଇପାରୁଥିବା ହିତାଧିକାରୀ କହିଛନ୍ତି। ଭତ୍ତା ନ ପାଇ ଦୁଃଖରେ କାଳତିପାତ କରୁଛନ୍ତି। ସ୍ଥାନୀୟ ସରପଞ୍ଚ ସୁପ୍ରିୟା ମୁଣ୍ଡା ଏ ନେଇ ବ୍ୟାଙ୍କ ସହିତ ସିମିତି ବ୍ୟବଧାନରେ ଯୋଗାଯୋଗ କରୁଥିଲେ ମଧ୍ୟ କାହିଁକି ବ୍ୟାଙ୍କକୁ ଭତ୍ତାଧାରୀଙ୍କ ଅର୍ଥ ଆସୁନାହିଁ ସେ ନେଇ ଠିକ୍ ଉତ୍ତର ପାଇପାରୁ ନ ଥିବା କହିଛନ୍ତି। ଭତ୍ତାଧାରୀଙ୍କ ମଧ୍ୟରୁ କେତେକ ମୃତ୍ୟୁ ହୋଇଯାଇଥିବା କହିଛନ୍ତି। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ପ୍ରଦାନ ସହିତ ଅତିସୟ ବୃଦ୍ଧାବୃଦ୍ଧ ଓ ରୋଗାଗ୍ରସ୍ତଙ୍କୁ ଘରେ ଯାଇ ଭତ୍ତା ପ୍ରଦାନ କରାଯାଉଥିଲା। ମାତ୍ର ବ୍ୟାଙ୍କକୁ ଯିବା ପରେ ହିତାଧିକାରୀମାନେ ୪ ମାସ ହେଲା ଭତ୍ତା ପାଇ ନ ଥିବା କହିଛନ୍ତି। ସେହିପରି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନାଙ୍କ କହିବା ଅନୁଯାୟୀ, ବ୍ୟାଙ୍କରେ ଅପଡେଟ ଠିକ ଭାବରେ ହୋଇ ନ ଥିବାରୁ ଏପରି ସମସ୍ୟା ଦେଖା ଦେଇଛି। ଚଳିତ ମାସ ୨୮ ତାରିଖ ସୁଧା ହିତାଧିକାରୀ ଭତା ପାଇବେ ବୋଲି କହିଛନ୍ତି।

## ପଞ୍ଚାୟତ ଦାୟିତ୍ୱରୁ ଅପସାରଣ ହେଲେ ପିଇଓ

### ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ଅଭିଯୋଗ

ପାଟଣା,୨୧।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରାସକୋଲା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତପନ ମହାନ୍ତଙ୍କୁ ଶୁକ୍ରବାର ବଡ଼ ପାଟଣା ପଞ୍ଚାୟତ ପିଇଓ ଦାୟିତ୍ୱରୁ ଅପସାରଣ କରାଯାଇଛି। ତାଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ଅବସ୍ଥାପିତକରାଯାଇଥିବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୫୯ରେ ନିର୍ଦ୍ଦେଶ ହୋଇଛି।

ପ୍ରକାଶ ଯେ, ପିଇଓ ବଡ଼ ପାଟଣା ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ସହ ଲୋକାଭିମୁଖୀ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି ନେଇ ସରପଞ୍ଚ ବିନତୀ ବାନାରା ଅଭିଯୋଗ କରିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପାଟଣା ବିଡିଓ ମାନସ କୁମାର ଦଣ୍ଡ ପାଟ କହିଛନ୍ତି। ପିଇଓ ୬ ମାସ ପୂର୍ବେ ସରପଞ୍ଚଙ୍କୁ ଅବମାନନା କରି ବିବାଦୀୟ ହୋଇଥିଲେ। ସେହିଭଳି ସରାସକୋଲା ପଞ୍ଚାୟତରେ ସ୍ୱେଚ୍ଚାଚାରିତା, ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି ଓ ସରକାରୀ କର୍ମଚାରୀ ହୋଇ ରାଜନୀତିରେ ଲିପ୍ତ ନେଇ ଶତାଧିକ ପଞ୍ଚାୟତବାସୀ ଗତ ସୋମବାର ପାଟଣା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ଗତ ମଙ୍ଗଳବାର ସରାସ କୋଲା ପଞ୍ଚାୟତ ଦାୟିତ୍ୱରୁ ସେ ଅପସାରଣ ହୋଇଥିଲେ। ଅନ୍ୟପକ୍ଷେ ପଲାଶଘାଟି ପିଇଓ ଅଶୋକ ମହାନ୍ତଙ୍କୁ ବଡ଼ ପାଟଣା ପିଇଓ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଉଦ୍‌ଘାଟନୀ ମ୍ୟାଚ: ଯାଜପୁର ବିଜୟୀ

### ମା' ଗଡ଼ଚଣ୍ଡୀ କ୍ରିକେଟ୍ କପ୍ ଟୁର୍ନାମେଣ୍ଟ

ବଡ଼ଳା,୨୧।୨(ଦୁର୍ଗାପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ପ୍ରାଣବଲ୍ଲଭ ମିନି ଷ୍ଟାଡ଼ିୟମ ସୁନ୍ଦରାପାଳଛକଠାରେ ମା' ଗଡ଼ଚଣ୍ଡି କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କମିଟିର ସଭାପତି ସୁଧାଂଶୁ ମଲ୍ଲିକ୍, ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର ଉପସ୍ଥିତ ରହି ଖେଳକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଫ୍ୟୁଚର କ୍ରିକେଟ କ୍ଲବ୍ ଭୁବନେଶ୍ୱର ସହିତ ସିଏସି ଇଞ୍ଜନପୁର ଯାଜପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫ୍ୟୁଚର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରେ ୧୦୪ରନ୍ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରି ଯାଜପୁର ଟିମ୍ ୧୩ ଓଭର ୫ଟି ବଲ୍‌ରେ ୧୦୮ ରନ୍ କରିଥିଲା। ଦଳ ପକ୍ଷରୁ ରୋହିତ୍ ୪୦ ବଲ୍‌ରେ ୬୩ରନ ସଂଗ୍ରହ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଆକାଶ ତ୍ରିପାଠୀ ହୋଇଥିଲେ। ସାନ୍ତୁନ ରାଉତ ଓ ସାର୍ଥକ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ଜ୍ୟୋତି ରଞ୍ଜନ ଓ ସ୍ମରାଲ ସାହୁ, ଭାଷ୍ୟକାର ଭାବେ ସୁଶାନ୍ତ ବେହେରା କାର୍ଯ୍ୟ ତୁଲାଇଥିଲେ।

## ସାଇବର ଠକେଇ, ଜଣେ ଗିରଫ

ବଞ୍ଚୋ/ ଆନନ୍ଦପୁର,୨୧।୨(ପ୍ରଦୋଷ କୁମାର ବିଶ୍ୱାଳ/ ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ସାଇବର ଠକେଇ ମାମଲାରେ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ନନ୍ଦିପଦା ଥାନା ଅନ୍ତର୍ଗତ ଜାମିଟିରା ଗ୍ରାମର ଅତିଶ କୁମାର ପଣ୍ଡା। ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ କମିଶନ ଆକାରରେ ସାଇବର ଠକଙ୍କୁ ଦେଇଥିଲେ। ଫଳରେ ମ୍ୟୁଲ ଆକାଉଣ୍ଟ ଜରିଆରେ ଠକେଇ ହୋଇଥିବା ଆନନ୍ଦପୁର ଏସ୍‌ଡିପିଓ କମଳ ଲୋଚନ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆନନ୍ଦପୁର କାନାରା ବ୍ୟାଙ୍କ ଶାଖାରେ ଖୋଲାଯାଇଥିବା ଅନ୍ନପୂର୍ଣ୍ଣା ଭେରାଇଟି ଷ୍ଟୋର ନାମକ ଖାତାକୁ ମ୍ୟୁଲ ଆକାଉଣ୍ଟ ଭାବେ ବ୍ୟବହାର କରାଯାଇଥିଲା। ଏହାଦ୍ୱାରା ସାରା ଦେଶର ବିଭିନ୍ନ ସାଇବର ଠକେଇ ଟଙ୍କା ଗ୍ରହଣ କରାଯାଉଥିଲା। ଖାତାରେ ୨୭ ନଭେମ୍ବର ୨୦୨୪ଠାରୁ ଏପର୍ଯ୍ୟନ୍ତ ପ୍ରାୟ ୧ କୋଟି ୨୫ ଲକ୍ଷ ଟଙ୍କାରୁ ଅଧିକ ରାଶି ଜମା ହୋଇଥିବା ଓ ପ୍ରାୟ ୧ କୋଟି ୧୯ ଲକ୍ଷ ଟଙ୍କା ଉଠାଯାଇଥିବା ତଦନ୍ତରେ ପ୍ରକାଶ ପାଇଛି। ଅତିଶ ଜାଣିଶୁଣି ତାଙ୍କ ବ୍ୟାଙ୍କ ଖାତା, ଏଟିଏମ୍ କାର୍ଡ, ସିମ୍ ଓ କେୱାଇସି ତଥ୍ୟ ଅଜଣା ସାଇବର ଠକଙ୍କୁ କମିଶନ ପାଇଁ ଦେଇଥିବା ପ୍ରାଥମିକ ତଦନ୍ତରେ ପ୍ରମାଣିତ ହୋଇଛି। ପୋଲିସ ଦ୍ୱାରା ବିଭିନ୍ନ ବ୍ୟାଙ୍କର ଏଟିଏମ୍, ପ୍ୟାନକାର୍ଡ, ଆଧାର କାର୍ଡ, ଭୋଟର କାର୍ଡ, ପାସ୍‌ବୁକ, ଚେକ୍‌ବୁକ, ସିମ୍‌କାର୍ଡ ଓ ଏକ ମୋବାଇଲ ଜବତ କରାଯାଇଛି। ଘଟଣାରେ ଏକ ମାମଲା(ନଂ.୪୬/୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଆଇନାନୁଚିତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏସ୍‌ଡିପିଓ ଲୋକଙ୍କୁ ସଚେତନ ରହିବାକୁ ଓ ନିଜ ବ୍ୟାଙ୍କ ତଥ୍ୟ କାହାକୁ ନ ଦେବାକୁ ଅନୁରୋଧ କରିଛନ୍ତି।

## ପୂର୍ବତଟ ରେଳବାଇ ପ୍ରବନ୍ଧକଙ୍କ ଷ୍ଟେସନ ପରିଦର୍ଶନ



ରେଳବାଇ ପ୍ରବନ୍ଧକ ଷ୍ଟେଶନରେ ସୁବିଧା, ଅସୁବିଧଶ ପଚାରି ବୁଝୁଛନ୍ତି।

### ଯାତ୍ରୀ ପରିବହନ ସୁବିଧା ନିମନ୍ତେ ଦାବିପତ୍ର ପ୍ରଦାନ

କେନ୍ଦୁଝର,୨୧।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ଲା ୨ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସି ଶୁକ୍ରବାର ଫେରିଛନ୍ତି। ଗସ୍ତ ସମୟରେ ସେ ବିଭିନ୍ନ ରେଳ ଷ୍ଟେଶନ ପରିଦର୍ଶନ କରିବା ସହ ଷ୍ଟେଶନର ବିଭିନ୍ନ ସୁବିଧା, ଅସୁବିଧା ବୁଲି ଦେଖିଥିଲେ। ଗ୍ରସ୍ତ ସମୟରେ ଜିଲାର ବିଭିନ୍ନ ଅଞ୍ଚଳର ଲୋକ ଜିଲାର ବିଭିନ୍ନ ସମସ୍ୟା ଜଣାଇବା ସହ ଓ ଉନ୍ନତିକରଣ ପ୍ରସ୍ତାବ ଦାବିପତ୍ର ପ୍ରଦାନ କରିଥିଲେ।

ମହାପ୍ରବନ୍ଧକ ନୟାଗଡ଼-ଜଖପୁରା ସେକ୍ସନର ସୁରକ୍ଷା ଯାଞ୍ଚ ସମୟରେ ବିଭିନ୍ନ ରେଳ ଟ୍ରାକ ଫିଟିଂ, ସିଗନାଲିଂ ସିଷ୍ଟମ, ରେଳ ବିଦ୍ୟୁତ୍ ଯୋଗାଣ ସଂସ୍ଥାପନ, ଷ୍ଟେଶନଗୁଡ଼ିକରେ ଗ୍ରହଣ କରାଯାଇଥିବା ସୁରକ୍ଷା ସତର୍କତା ଯାଞ୍ଚ କରିଥିଲେ। ହରିଚନ୍ଦନପୁର ଷ୍ଟେଶନରେ ନବନିର୍ମିତ ୮ଟି ରେଳ କ୍ୱାର୍ଟର୍ସ ଯାଞ୍ଚ କରିଥିଲେ। ଉପରୋକ୍ତ କାର୍ଯ୍ୟ ବ୍ୟତିତ କେନ୍ଦୁଝର ଷ୍ଟେଶନରେ ରେଳ କଲୋନୀ ମଧ୍ୟ ପରିଦର୍ଶନ କରିଥିଲେ। ରେଳ କ୍ୱାର୍ଟର୍ସରେ ରେଳ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଯାଞ୍ଚ କରିଥିଲେ। ମହାପ୍ରବନ୍ଧକଙ୍କ ସହିତ ଖୋର୍ଦ୍ଧା ଡିଆରଏମ ଆଲୋକ ତ୍ରିପାଠୀ, ସିନିୟର ଡିଭିଜନଲ ସିକ୍ୟୁରିଟି କମିଶନର ମିଥୁନ ସୋନୀ, ବରିଷ୍ଠ ବିଦ୍ୟୁତ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ ଥିଲେ।

## ଆମ ଗାଁ, ଆମ ପ୍ରତିଭା ସମ୍ବର୍ଦ୍ଧନା ସଭା

ଛେନାପଦି,୨୧।୨(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶଂଖୋସ୍ଥିତ ମନ୍ଦିର ପରିସରରେ ସାହିତ୍ୟ ସଭା ଓ ପ୍ରତିଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଶିଶୁ ସାହିତ୍ୟ ସମିତି ଦ୍ୱାରା ଆୟୋଜିତ ସଭାରେ ଇନ୍ଦ୍ରମଣି ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ମୁଖ୍ୟ ବକ୍ତାଭାବେ ସାହିତ୍ୟିକ କୀର୍ତ୍ତନ ସାହୁ ଯୋଗଦେଇଥିଲେ। ଏହି ଅବସରରେ କଳାକାର ରଙ୍ଗାଧର ପଳତା, ସଫଳ କୃଷକ ଭରତ ଚନ୍ଦ୍ର ଶଙ୍ଖୁଆ, ସଫଳ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର, ଯୁବ ଖେଳାଳୀ ବସନ୍ତ ଦାଶଙ୍କୁ ମାନପତ୍ର ଉତ୍ତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା। ହାସ୍ୟମୟୀ ରାଜ, ଶ୍ରୀକାନ୍ତ ପଟ୍ଟନାୟକ ଓ ଦୀପ୍ତିଦେବଦର୍ଶିନୀ ସୁତାରଙ୍କ ସଂଯୋଜନାରେ ଯୋଗଦେଇଥିବା କବି ଶିଶୁ କବିତା ଆବୃତ୍ତି କରିଥିଲେ।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜଙ୍ଗଲରୁ ଜବତ

### ହାତୀ ଆକ୍ରମଣରେ ମୃତ୍ୟୁ ସନ୍ଦେହ

ଯୋଡ଼ା,୨୧।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ, ଯୋଡ଼ା ସେକ୍ସନ ମନମରା ଜଙ୍ଗଲରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଶନିବାର ଜବତ ହୋଇଛି। ମୃତକ ହେଲେ ଯୋଡ଼ା ପୌରାଞ୍ଚଳ ୬ନଂ. ୱାର୍ଡ଼ ବାଟୁହଟିଂ ଅଞ୍ଚଳର ରଘୁ ବାଙ୍କିରା(୭୦)। ହାତୀ ଆକ୍ରମଣରୁ ତାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସେ ଗତ ବୁଧବାର ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ଓ ଗିଲିରିଫୁଲ ସଂଗ୍ରହ ପାଇଁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ଯୋଡ଼ା ଥାନାରେ ଜଣାଇଥିଲେ। ଶନିବାର ଜଙ୍ଗଲରେ ରଘୁଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକ ଜାଣି ପାରିଥିଲେ। ସେତେବେଳକୁ ଏକ ହାତୀ ମୃତଦେହ ନିକଟରେ ଜଗି ରହିଥିଲା, ଫଳରେ ପରିବାର ଲୋକେ ଭୟଭୀତ ହୋଇ ସେଠାରୁ ଫେରି ଆସିଥିଲେ। ବହୁ ସମୟ ପରେ ହାତୀଟି ସେଠାରୁ ଚାଲିଯିବା ପରେ ବନ କର୍ମଚାରୀ ଓ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ମନମରା ଅଞ୍ଚଳରେ ଏକ ଘରୋଇ କମ୍ପାନୀର ପରିତ୍ୟକ୍ତ ଖଣି ରହିଛି। ଅତିତରୁ ଏହି ଖଣି ବନ୍ଦ ହୋଇ ପଡ଼ି ରହିଥିବା ବେଳେ ଏହି ଖଣିର ଖଣିଜ ଖନନ କ୍ୱାରୀ, ବଡ଼ ଗର୍ତ୍ତ ହାତୀର ଚଲାପଥରେ ବାଧକ ସାଜିଛି। ଫଳରେ ଶାନ୍ତ ପ୍ରାଣୀ ହାତୀ ହିଂସ୍ର ହୋଇ ଆକ୍ରମଣ କରୁଛି ବୋଲି ପରିବେଶବିତ୍ ଉଦୟ ଶଙ୍କର ଆଚାର୍ଯ୍ୟ କହିଛନ୍ତି।

## କେନ୍ଦୁଝରକୁ ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ କାର୍ଯ୍ୟାଳୟ ଫେରାଇ ଆଣିବାକୁ ନିବେଦନ

କେନ୍ଦୁଝର,୨୧।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ବଳଭଦ୍ରପୁରଠାରେ ଏକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନକୁ ବରିଷ୍ଠ ନାଗରିକ ମଞ୍ଚ ଆନନ୍ଦ ବ୍ୟକ୍ତ କରିଛନ୍ତି। କିନ୍ତୁ ଜିଲାରେ ନିଜସ୍ୱ ୬୨ ଡିସିମିଲ ପରିମିତ ଜମିରେ ପ୍ରତିଷ୍ଠା କରାଯାଇଥିବା ବୟନଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ପୁଣି ଥରେ ଫେରାଇ ଆଣିବାକୁ ଦାବି କରିଛନ୍ତି। ଉକ୍ତ ଅଫିସ କୌଣସି କାରଣ ନ ଥାଇ କେନ୍ଦୁଝରରୁ ବାରିପଦା ୧୬୦ କି.ମି. ଦୂରକୁ ଆସବାବପତ୍ର, କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସହିତ ସ୍ଥାନାନ୍ତରିତ ହୋଇଯାଇଛି। ଫଳରେ ପୁରୁଣା ସହରରେ ବିଭାଗ ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାୟକ ଥିବା ବେଳେ ଏବଂ ଏମ୍‌ପି ଅନନ୍ତ ନାୟକ ସେ ସମୟରେ ଏହି ଅଫିସ ସ୍ଥାନାନ୍ତରକୁ ବିରୋଧ କରିଥିଲେ। କିନ୍ତୁ ସେବେଳର ସରକାର ଏହାକୁ ଗ୍ରହଣ କରି ନ ଥିଲେ। ଏହାଦ୍ୱାରା ଜିଲା ଅନେକ ହଜାର ବୁଣାକାର ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି ବୋଲି ଦାବିପତ୍ରରେ ଜଣାଇଛନ୍ତି। ବୁଣାକାରମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ୨୦୧୯ ଜୁଲାଇ ୨୦ତାରିଖରେ ବୟନଶିଳ୍ପ ନିର୍ଦ୍ଦେଶକ ତାଙ୍କ ପତ୍ର ସଂଖ୍ୟା ୫୩୮୬ରେ କେନ୍ଦୁଝରରେ ଏହି କାର୍ଯ୍ୟାଳୟ ଆଉ ଥରେ ଖୋଲିବାକୁ ବିଭାଗୀୟ ଶାସନ ସଚିବ ତଥା କମିଶନରଙ୍କୁ ମୋହନ ମାଝୀ ପତ୍ର ଲେଖିଥିଲେ। ଅବିଳମ୍ବେ ଜିଲାର ଟେକ୍ସଟାଇଲ ଅଫିସକୁ କାର୍ଯ୍ୟକ୍ଷମ କରିବାକୁ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସରୋଜ କୁମାର ରଣାଙ୍କ ସମେତ ଅନ୍ୟମାନେ ନିବେଦନ କରିଛନ୍ତି।

## ଶିଶୁ ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

କେନ୍ଦୁଝର,୨୧।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କଲେଜରୋଡସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ଭଉଣୀ, ଭାଇମାନେ ମାତୃଭାଷା ସମ୍ବନ୍ଧରେ ପ୍ଲାକାର୍ଡ଼ ଧରି କଲେଜ ରୋଡ, ସାତସିଙ୍ଘା, ବଣିଆପାଟ ଅଞ୍ଚଳ ପରିକ୍ରମା କରିବିଦ୍ୟାଳୟ ବୌଦ୍ଧିକ ମଣ୍ଡପରେ ସମସ୍ତ ଛାତ୍ରୀଛାତ୍ର ଆଚାର୍ଯ୍ୟା, ଆଚାର୍ଯ୍ୟ ଉପସ୍ଥିତ ହୋଇ ମାତୃଭାଷା ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ପ୍ରଧାନଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼ ପରିଚାଳନା କରିଥିଲେ।

ସେହିପରି କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଶ୍ୱ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବରେ ଅବସରପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଭାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବିଦ୍ୟୁତ୍ କର୍ମଚାରୀ ଫେଡ଼େରେଶନର ବାର୍ଷିକ ସମ୍ମିଳନୀ

କେନ୍ଦୁଝର,୨୧।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)





ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ସଦସ୍ୟ ଶୋଭାଯାତ୍ରାରେ ଯାଉଛନ୍ତି।

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ କେନ୍ଦୁଝରଗଡ଼ ଅଡ଼ିଟୋରିୟମରେ ଅନୁଷ୍ଠିତ ହେଇଯାଇଛି। ନେସ୍କୋ ପାୱାର ଏମ୍ପ୍ଲୟିଜ ୟୁନିୟନର (ଏଆଇଟିୟୁସି ସହବନ୍ଧିତ ) କେନ୍ଦୁଝର କାର୍ଯ୍ୟାଳୟଠାରୁ ଏକ ବିରାଟ ପଟୁଆର ସହର ପରିକ୍ରମା କରି ଅଡିଟୋରିୟମରେ ପହଞ୍ଚିଥିଲା। ଫେଡ଼େରେସନର ୫୧ତମ ରାଜ୍ୟସ୍ତରୀୟ ସମ୍ମିଳନୀର ଅଭ୍ୟର୍ଥନା କମିଟିର ସଭାପତି ତଥା କେନ୍ଦୁଝରଗଡ଼ ପୌର ଅଧକ୍ଷା ନିକୁ ସାହୁ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀରେ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ଅଧକ୍ଷ ରାମକୃଷ୍ଣ ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଭାରତୀୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନ ସାଧାରଣ ସମ୍ପାଦକ ମୋହନ ଶର୍ମା, ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସମ୍ପାଦକ ବୈଦ୍ୟନାଥ ସିଂହ, ଉତ୍ତର ପୂର୍ବାଞ୍ଚଳ ଉପ ସମ୍ପାଦକ ଅରୁଣ ଚୋଟରାଜ, କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ଯୋଗଦାନ କରିଥିଲେ। ଏତଦ ସହିତ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ଉପାଧକ୍ଷ ଆର୍ତ୍ତବନ୍ଧୁ ବିଶାଳ, ଶ୍ରୀକୃଷ୍ଣ ପଟ୍ଟନାୟକ, ନିରଞ୍ଜନ ପାଣିଗ୍ରାହୀ, ନୃସିଂହ ଚରଣ ପଣ୍ଡା ମଞ୍ଚାସିନ ଥିଲେ। ଓଡ଼ିଶାର ବିଦ୍ୟୁତ୍ ବିଭାଗରେ ପୁନଃ ଘରୋଇକରଣ ବନ୍ଦ କରିବା, ବିଭାଗରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ, ଏନଏମଆର ଓ କଣ୍ଟିଜେନସି ଖଲାସିଙ୍କୁ ସ୍ଥାୟୀ କରିବା, ସ୍ଥାୟୀ ପଦବୀରେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ବନ୍ଦ, ବିଦ୍ୟୁତ୍ ବିଭାଗରେ ଖାଲି ଥିବା ସମସ୍ତ ସ୍ଥାୟୀ ପଦବୀ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାରେ ପୁରଣ ଆଦି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଉପରୋକ୍ତ ସମସ୍ୟା ଯଦି କର୍ତ୍ତୁପକ୍ଷ ଓ ସରକାର ଶୀଘ୍ର ସମାଧାନ ନ କରନ୍ତି ଆଗାମୀ ଦିନରେ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନ, ବିଦ୍ୟୁତ୍ ଗ୍ରାହକ, କୃଷକ, ଛାତ୍ର, ଜନସାଧାରଣଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ସାଧାରଣ ସମ୍ପାଦକ ପ୍ରେସ ଇସ୍ତାହାରରେ ପ୍ରକାଶ କରିଲେ।

## ୨ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ଭୂୟାଁରୋଇଡ଼ା ଚାମ୍ପିୟନ

ଯୋଡ଼ା,୨୧।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଭୂୟାଁରୋଇଡ଼ା ପଞ୍ଚାୟତରେ ରୋଇଡା ସି ଲୌହ ଓ ମାଙ୍ଗାନିଜ ଖଣି, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଦ୍ୱିତୀୟ ବାର୍ଷିକ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିବସୀୟ ଟୁର୍ନାମେଣ୍ଟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ୧୦ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭୂୟାଁରୋଇଡା ଫୁଟ୍‌ବଲ ଟିମ୍ ଏବଂ ଭୂତହଟିଂ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୂୟାଁରୋଇଡା ୨-୦ ଗୋଲରେ ଭୂତହଟିଂ ଫୁଟବଲ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଥିଲା।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଖଣି ନିଗମ ବଡ଼ବିଲ ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଭୂୟାଁରୋଇଡ଼ା ସରପଞ୍ଚ ତୁଳସୀ ବଙ୍ଗା, ଖଣି ପ୍ରବନ୍ଧକ ଅଂଶୁମାଳୀ ସାହୁ, ଭୂୟାଁରୋଇଡ଼ା ସମିତିସଭ୍ୟ ସରୋଜିନୀ ମୁଣ୍ଡା ଯୋଗଦେଇଥିଲେ। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ସିଏସ୍‌ଆର ପରାମର୍ଶଦାତା ନୂତନ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିୟନ ଓ ରନର୍ସ ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। କୃଷ୍ଣଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଶଙ୍କର୍ଷଣ ନାଏକ, ଜତୀନ ମହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ କ୍ଷୀରୋଦ ଗିରି ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ପ୍ରବୀଣ ଶୟ, ସୁନାକାର ସାହୁ, ଇନ୍ଦ୍ରଦ୍ୟୁମ୍ନ ପାତ୍ର ସହଯୋଗ କରିଥିଲେ।





ବିଜେତା ଦଳରରେ ଖେଳାଳିମାନେ।

